ଉପେନ୍ଦ୍ର ଭଞ୍ଜ

ବିରଚିତ

# ଗୀତାଭିଧାନ

ରଚନା ୧୭୧୦, ପ୍ରଥମ ମୁଦ୍ରଣ ୧୮୭୦


ଇଲେକ୍‌ଟ୍ରନିକ ସଂସ୍କରଣ (୨୦୦୯) ପ୍ରସ୍ତୁତି

**ସୃଜନିକା**, ଜାଗମରା, ଡାକ: ଖଣ୍ଡଗିରି, ଭୁବନେଶ୍ୱର ୭୫୧୦୩୦



(ସ୍ୱତ୍ତ୍ୱ: ୨୦୦୯ ସୃଜନିକା – କ୍ରିଏଟିଭ କମନ୍‌ସ୍‌ ଜି.ପି.ଏଲ୍‌. ମୁକ୍ତ ସଫ୍‌ଟୱେର ଲାଇସେନ୍‌ସ୍‌ ଜରିଆରେ ବିତରିତ )



Electronic version 2009

developed by

Srujanika



Jagamara, PO: Khandagiri, Bhubaneswar 751030,

email: srujanika@gmail.com



Copyright © 2009, Srujanika.

This program is **free software**; you can redistribute it and/or modify it **with due acknowledgement to the developers** under the terms of the GNU General Public License as published by the Free Software Foundation (*http://www.gnu.org/*).

This program is distributed in the hope that it will be useful, but WITHOUT ANY WARRANTY; without even the implied warranty of MERCHANTABILITY or FITNESS FOR A PARTICULAR PURPOSE.

See the GNU General Public License for more details.



**ସଂଗୃହୀତ ପାଠର ଉତ୍ସ:** ଶ୍ରୀ ଦାଶରଥି ଦାସଙ୍କ ଦ୍ୱାରା ପ୍ରକାଶିତ ପ୍ରଥମ ସଂସ୍କରଣ

ଦାଶରଥି ପୁସ୍ତକାଳୟ, ବାଲୁବଜାର, ପୋଃଅଃ ଚାନ୍ଦନୀ ଚୌକ, କଟକ

# ଗୀତାଭିଧାନ

## ରାଗ ବଙ୍ଗଳାଶ୍ରୀ

ଗୀତ–ଅଭିଧାନ ହୋଇ ସାବଧାନ ଶୁଣ ସୁଜନେ ସନ୍ତୋଷେ ।
ଅମର ତ୍ରିକାଣ୍ଡ ଯାଦବ ଶାଶ୍ୱତ ମେଦିନୀ ବିଶ୍ୱପ୍ରକାଶେ ।୧ ।
ପ୍ରଚୁର ଶବଦ ଯେତେ ତା କହିବା ଛାଡ଼ି ଅପ୍ରଚୁରମାନ ।
ବୁଝାଇଲେ ମୂର୍ଖେ ବୁଝିବେ ଅକ୍ଳେଶେ ସ୍ୱଭାବେ କୋବିଦଜନ ।୨ ।
କ ଠାରୁ କ୍ଷ ଯାଏଁ ପ୍ରାନ୍ତାକ୍ଷର ଘେନି ବର୍ଗ ବର୍ଗ ଏ ହୋଇବ ।
ଏକା ଶବଦକୁ ନାନାର୍ଥେ ବୁଝାଇ କବିଙ୍କି ପ୍ରମୋଦ ଦେବ ।୩ ।

**କ** ବୋଲି ପତନ ଜଳକୁ କ ବୋଲି ବ୍ରହ୍ମାକୁ ଶିରକୁ ସତ ।
କୁ ବୋଲି କୁତ୍ସିତ କଥାକୁ ପୃଥ୍ୱୀକି ଶୁଣ ବୁଧେ ଦେଇ ଚିତ୍ତ ।୪ ।
ଅର୍କ ବୋଲି ଅର୍କପର୍ଣ୍ଣାକି ରବିଙ୍କି ତାମ୍ର ସ୍ଫଟିକ ଇନ୍ଦ୍ରକୁ ।
ଅଙ୍କ ବୋଲି ଜାଣ କ୍ରୋଡ଼ ଚିହ୍ନ ପାପ ଦୁଃଖ ଦୂଷଣ ରେଖାକୁ ।୫ ।
କର୍କ ଶୁକ୍ଳ ଅଶ୍ୱ ସଲିଳ କର୍କଟ ଅନଳ ଘଟ ଦର୍ପଣ ।
କାକ ଅଛି ବୃକ୍ଷଭେଦେ ବୃକ୍ଷଭେଦେ କାକ ରତିବନ୍ଧ ଦ୍ରୋଣ ।୬ ।
କୋକ ନିଶ୍ଚେ ଚକ୍ରବାକ ଇହା ମୃଗ ବିଷ୍ଣୁ ଖଜୁର ଦର୍ଦ୍ଦୁର ।
ଶୁକ କହି ବ୍ୟାସସୁତଙ୍କୁ ରାବଣମନ୍ତ୍ରିକି ଶୁକ ଯେ କୀର ।୭ ।
ଲଙ୍କା ବୋଲାଇ ଯେ ଦୈତ୍ୟପୁରୀ ଶାଖା ଡାକିନୀ କୁଳଟା ନାମ ।
ଚକ୍ରୀ ଘଟକାର ଚକ୍ରୀ ଭୁଜଙ୍ଗମ ଚକ୍ରୀ ଯେ ପୁରୁଷୋତ୍ତମ ।୮ ।
ଶୁକ୍ର ଦୈତ୍ୟଗୁରୁ ଶୁକ୍ର ଜ୍ୟେଷ୍ଠମାସ ଶୁକ୍ର ଅଗ୍ନି ଶୁକ୍ର ରେତ ।
ରଥପଦରେ ଯେ ଆୟୁଧ ବୃନ୍ଦରେ ଚକ୍ରବାକେ ଚକ୍ର ଉକ୍ତ ।୯ ।

ଏକ ବୋଲନ୍ତି ଯେ କେବଳ ଶ୍ରେଷ୍ଠକୁ ଜନ ଭୁବନକୁ ଲୋକ ।
ନାକ ବୋଲାଇ ଯେ ସ୍ୱର୍ଗପୁର ସ୍ତୋକ ଆକାଶ ଅଳ୍ପ ଚାତକ ।୧୦ ।
କଙ୍କ ଯେ ବୋଲାଇ ଲୋହପୃଷ୍ଠ ଯମ ପଦ୍ୟ କୀର୍ତ୍ତି ନାମ ଶ୍ଳୋକ ।
ଟଙ୍କ ବୋଲି ନୀଳେ କପିତ୍‌ଥେ ଖନିତ୍ରେ କର୍ଦ୍ଦମ ପାତକ ପଙ୍କ ।୧୧ ।
ବକ ବୋଲି ବକପୁଷ୍ପେ ବଳାକାକୁ ବକ ପୁତନା ଅଗ୍ରଜ ।
ବିତର୍କକୁ ହେତୁ ଶାସ୍ତ୍ରକୁ ବାଞ୍ଛାକୁ ତର୍କ ବୋଲିକରି ହେଜ ।୧୨ ।
ରାଜା ବୋଲାଇ ଯେ ରଜୋବତୀନାରୀ ପୌର୍ଣ୍ଣମାସୀ ନଦ୍ୟନ୍ତରେ ।
ପାକ ବୋଲି ପରିଣତକୁ ଡିମ୍ବକୁ ପକ୍ୱକୁ ରାକ୍ଷସାନ୍ତରେ ।୧୩ ।
ଅଶୋକ ବୋଲନ୍ତି କେଳିପାଦପକୁ ପୁଣି ଶୋକହୀନଜନରେ ।
ଅଳକା କୁବେରପୁରୀ ଯେ ଅଳକା ପୁଣି ଚୂର୍ଣ୍ଣକୁନ୍ତଳରେ ।୧୪ ।
ଅନକ ପଟହ ଆନକ ଭେରୀ ଯେ ଆନକ ଭୟରେ ଉକ୍ତ ।
ଅମ୍ବିକା ବୋଲାଇ ଧୃତରାଷ୍ଟ୍ରମାତା ଅମ୍ବିକା ପାର୍ବତୀ ଖ୍ୟାତ ।୧୫ ।
ମେଚକ ମୟୂରପୁଚ୍ଛ ଯେ ମେଚକ ଶ୍ୟାମଳ ବର୍ଣ୍ଣ ଯେ ଧ୍ୱାନ୍ତ ।
ମଣ୍ଡୁକ ବୋଲନ୍ତି ଭେକକୁ ମଣ୍ଡୁକ ବୋଲାଇ ପୁଣି ପର୍ବତ ।୧୬ ।
କାଳିକା ବୋଲାଇ ମେଘସମୂହ ଯେ କାଳିକା ଚଣ୍ଡିକା ଜାଣ ।
ଜନକ ବୋଲନ୍ତି ତାତକୁ ଜନକ ନୃପତିଭେଦରେ ଘେନ ।୧୭ ।
ପେଚକି ହସ୍ତିଲାଙ୍ଗୁଳ ଯେ ପେଚକ ବୋଲାଇ ବାୟସ ରାତି ।
ଉଲ୍ଲୁକ ବୋଲାଇ ଦିବାନ୍ଧ ଉଲୁକ ଭାରତଯୋଦ୍ଧାରେ ବର୍ତ୍ତି ।୧୮ ।
କୂପକ ବୋଲି କୁକୁନ୍ଦରେ ତୈଳକୁ କୂପକ ଗୁଣବୃକ୍ଷକ ।
ତାରକ ମନ୍ତ୍ର ତାରକ ଦୈତ୍ୟଭେଦେ ପୁଣି ତାରକ ନାବିକ ।୧୯ ।
ତାରକ ନାମ ବହଇ କନୀନକା ତାରକା ତାରା ବୋଲାଇ ।
ଆଲୋକ ଶବ୍ଦ ଦ୍ୟୋତରେ ଲୋକନରେ ବନ୍ଦିଭାଷଣେ ବର୍ତ୍ତଇ ।୨୦ ।
ବାହ୍ଲିକ ବୋଲାଇ କୁଙ୍କୁମ ବାହ୍ଲିକ ହିଙ୍ଗୁ ଯେ ବାହ୍ଲିକ ଦେଶ
ବର୍ତ୍ତକ ନେତ୍ରରୋଗନାଶ ଔଷଧି ବର୍ତ୍ତକ ପକ୍ଷି ବିଶେଷ ।୨୧ ।
କଳଙ୍କ ବୋଲି ଲାଞ୍ଛନକୁ କଳଙ୍କ ବୋଲି ଯେ ଅପବାଦକୁ ।
ସୂଚକ ଶବ୍ଦ ଶୁଭରେ ପ୍ରବର୍ତ୍ତଇ ସୂଚକ ବୋଲି ଖଳକୁ ।୨୨ ।

ପୃଥୁକ ଶବ୍ଦ ପୃଥିବୀରେ ଚିପିଟେ ପୃଥୁ ନୃପଭେଦେ ଜାଣ ।
ଖନକ ବୋଲାଇ ଇନ୍ଦୁର ଖନିକ ସିନ୍ଧିଚଉରରେ ପୁଣ ।୨୩ ।
ନାୟକ ବୋଲି ଶ୍ରେଷ୍ଠକୁ ପୁରୁଷକୁ ଶାୟକ ଖଡ଼ଗ ଶର ।
ବଞ୍ଚକ ଶବ୍ଦ ଶୃଗାଳରେ ପ୍ରବର୍ତ୍ତେ ବଞ୍ଚକ ନାସ୍ତିକ ନର ।୨୪ ।
ଜମ୍ବୁକ ବୋଲି ଶୃଗାଳକୁ ନୀଚକୁ ଜମ୍ବୁକ ଜଳଇଶ୍ୱର ।
କଞ୍ଚୁକ ନାମ ସର୍ପ ଚର୍ମେ ଔଷଧେ କଞ୍ଚୁକ ବାର ବାଣର ।୨୫ ।
ଚଷକ ନାମ କୃଷକେ ପ୍ରବର୍ତ୍ତଇ ଚଷକ ଯେ ମଦ୍ୟପାତ ।
କୀଚକ ବଂଶଭେଦେ ଅଛି କୀଚକ ବିରାଟଶାଳକ ଶତ ।୨୬ ।
କୁଳିକ ନାମ ନାଗଭେଦେ କୁଳିକ ଉତ୍ତମକୁଳରେ ଭଣି ।
ନରକ ନାମ ଭୂମିପୁତ୍ର ଦୈତ୍ୟରେ ନରକ ନିରୟେ ଗଣି ।୨୭ ।
ତକ୍ଷକ ବୋଲାଇ ବର୍ଦ୍ଧକୀ ତକ୍ଷକ ଅଷ୍ଟକୁଳାନାଗେ ଘେନି ।
କଣ୍ଟକ ବୋଲାଇ କ୍ଷୁଦ୍ରଶତ୍ରୁ ରୋଗ କଣ୍ଟକ ଲଗ୍ନକୁ ଗଣି ।୨୮ ।
ଇକ୍ଷ୍ୱାକୁ ବୋଲାଇ କ୍ଷୁଦ୍ରତୁମ୍ବିକା ଯେ ସୂର୍ଯ୍ୟବଂଶନରେଶ୍ୱର ।
ଆତଙ୍କ ବୋଲାଇ ରୋଗସନ୍ତାପକୁ ଆତଙ୍କ କାମୁକ କ୍ରୁର ।୨୯ ।
ଚୌରିକ ସୁବର୍ଣ୍ଣ ଚୌରିକ ଚୌର୍ଯ୍ୟ ଯେ ଚୌରିକ ବୋଲାଇ ଶ୍ୱାନ
କରକ ଦାଡ଼ିମ କମଣ୍ଡଳୁ ବାରି ନାରିକେଳଫଳ ଘେନ ।୩୦ ।
ଚୈତକୁ ଶ୍ରେଷ୍ଠକୁ ଔଷଧିକି ବୃକ୍ଷଭେଦକୁ ବୋଲି ତିଳକ ।
ବୃନ୍ଦ ରୋମାଞ୍ଚ ହରିତାଳ ପ୍ରସ୍ତର କ୍ରମେ ବୋଲନ୍ତି ପୁଲକ ।୩୧ ।
ପୁଷ୍କକ କୁବେରରଥ ନେତ୍ରରୋଗ ପୁଷ୍କକ ରଥ କଙ୍କଣ ।
ପୁଷ୍କକ ଶକଟ ପୁଷ୍କକ କାଳିକା ପୁଷ୍କକ ଯେ ରସାଞ୍ଜନ ।୩୨ ।
ବାଳିକା ବୋଲାଇ ପତ୍ରକାହାଳି ଯେ ବାଳିକା କର୍ଣ୍ଣଭୂଷଣ ।
ବାଳିକା ବୋଲନ୍ତି ବାଳାକୁ ବାଳିକା ବାଲୁକା ଏଳାରେ ଘେନ ।୩୩ ।
ରସିକା ରତିବିଚକ୍ଷଣୀ ରମଣୀ ଇକ୍ଷୁଲତା ଗୁଡ଼ଫଳ ।
ରକ୍ତକ ଅମ୍ଲାନ ବନ୍ଧୁକ ଯେ ଅନୁରାଗୀ ସ୍ୱରଙ୍ଗଦୁକୂଳ ।୩୪ ।
ରୁଚକ ବୀଜପୂର ଦନ୍ତୀ କପୋତ ପୁତ୍ରିକା ପିତୁଳୀ ସୁତ ।
ଭ୍ରମକ ରୋଗ ବିଡ଼ଙ୍ଗ ହେମଧୂର୍ତ୍ତ ଜିମ୍ବୁକେ ହୁଅଇ ଯୁକ୍ତା ।୩୫ ।

କନକ ସୁବର୍ଣ୍ଣ କନକ ଚମ୍ପା ଯେ କନକ ନାଗକେଶର ।
କନକ ପୁଂନାଗ କନକ ସୁନାରୀ ପୁଣି କନକ ଧୂସ୍ତୁର ।୩୬ ।
ପ୍ରିୟକ ମୃଗ ପ୍ରିୟକ ଯେ କଦମ୍ବ ପ୍ରିୟକ ପ୍ରିୟଙ୍ଗୁ ହୋଇ ।
ପ୍ରିୟକ ପ୍ରୀତି ଶାଳତରୁ ପ୍ରିୟକ ଚିତ୍ରଠାରେ ପ୍ରବର୍ତ୍ତଇ ।୩୭ ।
କଟକ ସମୁଦ୍ର ଲବଣ ବଳୟ ଦ୍ୱିରଦଦନ୍ତମଣ୍ଡଳ ।
ସାନୁ ନିତମ୍ବ ରାଜଧାନୀ ଏତେକ କଟକଶବ୍ଦେ ମଞ୍ଜୁଳ ।୩୮ ।
କୌଶିକ ବିଶ୍ୱାମିତ୍ର ଇନ୍ଦ୍ର ନକୁଳ ପୁଣି ପେଚକ ଗୁଗ୍‌ଗୁଳ ।
ବିଷବୈଦ୍ୟ ନାମ କୌଶିକ କୌଶିକୀ ନଦୀ ଚଣ୍ଡୀ ନାମ ଭୋଳ ।୩୯ ।
ମାଳିକା କହି ମାଳିକାକୁ ପୁତ୍ରୀକି ସପ୍ତଳା ନଦୀଭେଦକୁ ।
ଯମକ ବୋଲି ସଂଯମକୁ ଯମକୁ ପୁଣି ଶବ୍ଦାଳଙ୍କାରକୁ ।୪୦ ।
ରୂପକ ବୋଲି ମୂର୍ତ୍ତିକି ନାଟକକୁ କାବ୍ୟାଳଙ୍କାରେ ରୂପକ ।
ମଲ୍ଲିକା ହଂସ ତୃଣଶୂନ୍ୟ ଗଣିକା ବେଶ୍ୟା ଯୂଥିକାକୁ ଲେଖ ।୪୧ ।
ପଦ୍ମକହିଁ ପଦ୍ମକାଷ୍ଠ ହସ୍ତୀମଦବିନ୍ଦୁ ଯେ ହୃଦପଦ୍ମକ ।
ପ୍ରତିଅଙ୍ଗ ପ୍ରତିକୂଳ ବିଲୋମ ଏ ତିନିଙ୍କି ବୋଲି ପ୍ରତୀକ ।୪୨ ।
ପଲ୍ୟଙ୍କ ବୋଲି ମଞ୍ଚକୁ ପର୍ଯ୍ୟଙ୍କକୁ ପଲ୍ୟଙ୍କ ଯେ ପର୍ଯ୍ୟସ୍ତିକା ।
କେତନ ସୌଭାଗ୍ୟ ନାଟକାଙ୍ଗ ଘେନି ତିନିଙ୍କି ବୋଲି ପତାକା ।୪୩ ।
ବଳାହକ ବୋଲି ଜରିକି ମେଘକୁ ଅଷ୍ଟକୁଳାନାଗେ ପୁଣ ।
ନନ୍ଦିଘୋଷ ଦ୍ୱୟ ଇନ୍ଦ୍ରାରି ଅସୁର ବଳାହକ ନାମ ଜାଣ ।୪୪ ।
କପର୍ଦ୍ଦକ ବୋଲେ ଧୂର୍ଜଟିଜଟାକୁ ବରାଟକେ ସର୍ବନର ।
ବିନାୟକ କହି ତାର୍କ୍ଷ୍ୟ ସଜ୍ଜନକୁ ବିନାୟକ ଗଣେଶ୍ୱର ।୪୫ ।
ବରାଟକ କହି କପର୍ଦ୍ଦିକି ପୁଣି ବରାଟକ ବୀଜକୋଷ ।
ସରଟ ମୟୂର ଚରଣାୟୁଧକୁ କୃକବାକ ଝିଙ୍କଭାଷ ।୪୬ ।
ଯୂଥୀ ଅମଳାନଝିଣ୍ଟୀ କୁରୁଣ୍ଟକ ଶୋଣରେ ଯେ କୁରୁବକ ।
କୌଳେୟକ ଶ୍ୱାନକୁଳ କୁଳୀନ ଯେ ମଣିଭେଦେ ଗୋମେଦକ ।୪୭ ।
ଜୈବାତୃକ ବୋଲି ଚନ୍ଦ୍ରଙ୍କୁ ତୃଣକୁ ଦୀର୍ଘାୟୁକୁ ସର୍ବମତେ ।
ଭୟାନକ ବ୍ୟାଘ୍ର ରାହୁ ଭୟଙ୍କର ଅଛି ନବରସଗତେ ।୪୮ ।

ମଣ୍ଡଳକ ବିମ୍ବ ବୃନ୍ଦାରକ ଶ୍ରେଷ୍ଠ ମଣ୍ଡଳକ ଶୋଭା ସୁର ।
ପୁଣ୍ଡରୀକ ନାମ ବହେ ପଦ୍ମ ବ୍ୟାଘ୍ର ଅନଳକୋଷ କୁଞ୍ଜର ।୪୯ ।
ମାଣବକ ବୋଲି ତାଳକୁ ଇନ୍ଦୁକୁ ମାଣବକ ଅର୍ଦ୍ଧହାର ।
ବୈତାଳିକ ବୋଲି ଶିଳ୍ପୀ ବେତାଳକୁ ବୈତାଳିକ ବୋଧକର ।୫୦ ।
ବିଦୂଷକ ବୋଲି ଚାଟୁବଟୁକୁ ଯେ ପରନିନ୍ଦକକୁ କହି ।
ଶାଳବୃକ ନାମ ଶୃଗାଳ କୁକୁର ବାନରେ ଶାଳକ କହି ।୫୧ ।
କର୍ତ୍ତୃଣକ ବୋଲି ସ୍ଫୁଲିଙ୍ଗକୁ ଗନ୍ଧ ବ୍ୟବହାରିଣୀକି ଗଣେ ।
ସୌଗନ୍ଧକ ବୋଲି କହ୍ଲାର ପଦ୍ମକୁ ଗନ୍ଧଦବ୍ୟରେ ପାଷାଣେ ।୫୨ ।
ଆଛୁରିକ ନାମ ବହେ ବିହାୟସ କରଜଘାତେ ଯେ ସର୍ବେ ।
ସୁବସନ୍ତ ବୋଲି ମାଧବୀଲତାକୁ ଆହୁରି ମଦନୋତ୍ସବେ ।୫୩ ।

**ଇତି କାନ୍ତ ।**

**ଖ** ଶବ୍ଦବର୍ଗେ ଇନ୍ଦ୍ରିୟେ ସୁଖେ ସ୍ୱର୍ଗେ ଆହୁରି କ୍ଷିତି ଗଗନେ ।
ଶଙ୍ଖ ସଂଖ୍ୟାରେ କପାଳଅସ୍ଥି କମ୍ବୁ ନିଧି ଦୈତ୍ୟ ଅଭିଧାନେ ।୧ ।
ଶିଖୀ ବୋଲନ୍ତି ଅଗ୍ନିକି ମୟୁରକୁ ନଖ କରରୁହ ଶକ୍ତି ।
ନଖୀ ଗନ୍ଧଦ୍ରବ୍ୟ ନଖୀ ସିଂହ ଶ୍ୱାନ ନଖୀ ତପସ୍ୱୀ ବୋଲାନ୍ତି ।୨ ।
ଶାଖା ବୋଲି କହି ଦ୍ରୁମଶାଖା ପକ୍ଷ ବାହୁକ ବେଦଭାଗକୁ ।
ଶାଖା ବୋଲାଇ କାକପକ୍ଷୀ ଶିଖା ଯେ ଜାଳାକୁ କେକିପୁଚ୍ଛକୁ ।୩ ।
ବୋଲନ୍ତି ଲେଖ ଦେବତାଙ୍କୁ ପଂକ୍ତିବି ମୁଖ ପ୍ରାରମ୍ଭେ ବଦନେ ।
ବିମୁଖ କହି ଶୃଗାଳରେ ଈଶ୍ୱରେ ଗତିଭେଦନେ ନର୍ତ୍ତନେ ।୪ ।
ବିଶିଖ ବୋଲି ଶରକୁ ଅମରକୁ ବିଶଖା ଗୋପୀ ନକ୍ଷତ୍ର ।
ବୈଶାଖ ମନ୍ଥନଦଣ୍ଡ ଯେ ବୈଶାଖ ମାସଭେଦେ ହୋଏ ଯୁକ୍ତ ।୫ ।
ବିଶାଖା ବୋଲାଇ ତର୍କିକୁ ପୁଣି ଯେ ବିଶାଖା ଯେ ମହାସେନ ।
ସୁମୁଖ ବୋଲି ଯେ ଗରୁଡ଼କୁ କହି ନାଗ ପ୍ରଭେଦରେ ଘେନ ।୬ ।
ଅଗ୍ନିମୁଖ ବୋଲି ଦେବତା ବିପ୍ରଙ୍କୁ ଅଗ୍ନିମୁଖ ଭଲ୍ଲାତକ ।
ଶିଳୀମୁଖ ବୋଲି ଭ୍ରମରକୁ ଶିଳୀମୁଖ ବୋଲାଏ ଶାୟକ ।୭ ।

ଇନ୍ଦୁଲେଖା ବୋଲି ଶଶିକଳାକୁ ଯେ ସୋମଲତାକୁ ଆହୁରି ।
ସର୍ବତୋମୁଖ ବୋଲାନ୍ତି ମହାଦେବ କ୍ଷେତ୍ରଜ୍ଞ ଆକାଶ ବାରି ।୮ ।

**ଇତିଖାନ୍ତ ।**

**ଗୋ** ବୋଲି ଜଳକୁ ନେତ୍ର ପୃଥିବୀକି ନାରାଚକୁ ସୁରଭୀକି ।
ନାଗ ବୋଲନ୍ତି ପର୍ବତକୁ ବୃକ୍ଷକୁ ଆଗ ବୋଲି ଏ ଦୁହିଙ୍କି ।୧ ।
ଅଙ୍ଗ ବୋଲନ୍ତି ଶରୀରକୁ ଦେଶକୁ ଖଡ୍ଗ ଗଣ୍ଡକ କୃପାଣ ।
ସୂର୍ଯ୍ୟ ଗ୍ରହ ଦେବ ନାରାଚ ବିହଙ୍ଗ ଖଗ ବୋଲି ଏତେ ଜାଣ ।୨ ।
ପୁଗ ବୋଲି ଯେ କ୍ରମୁକକୁ ବୃନ୍ଦକୁ ତ୍ୟାଗ ଯେ ଦାନ ବର୍ଜନ ।
ତୁଙ୍ଗ ବୋଲନ୍ତି ପୁଂନାଗକୁ ଉଚ୍ଚକୁ ଇଙ୍ଗ ଯେ ଅଦ୍ଭୁତ ଜ୍ଞାନ ।୩ ।
ଭଗ ବୋଲନ୍ତି ସ୍ୱର୍ଗକୁ ମହାତ୍ମ୍ୟକୁ କୀର୍ତ୍ତିକି ଯୋନିକି ପୁଣ ।
ଭଗ ବୋଲନ୍ତି ସଙ୍ଗତିକି ବୀର୍ଯ୍ୟକୁ ଭଗ ସୌଭାଗ୍ୟ ନିର୍ବାଣ ।୪ ।
ଭଙ୍ଗ ବୋଲାଇ ବିପର୍ଯ୍ୟୟ ଲହରୀ ରୋଗଭେଦେ ଅଛି ଭଙ୍ଗ ।
ନୃତ୍ୟ ସମର ଲୋହିତବର୍ଣ୍ଣ ଧାତୁଭେଦକୁ କହନ୍ତି ରଙ୍ଗ ।୫ ।
ରାଗ ଅନରାଗ ଲୋହିତବର୍ଣ୍ଣ ଯେ କେଦାର ଆଦିକି କହି ।
ଭୋଗ ଶବଦ ସୁଖଧନୁ ଶରୀର ଫଣାଠାରେ ପ୍ରବର୍ତ୍ତଇ ।୬ ।
ଭୃଗୁ ନାମରେ ଯେ ମୁନିଏ ଅଛନ୍ତି ଭୃଗୁ ଶୁକ୍ର ସାନୁମାନ ।
ମୃଗ ବୋଲି ପଶୁ କୁରଙ୍ଗ ନକ୍ଷତ୍ର କବିଭେଦେ ପୁଣି ଘେନ ।୭ ।
ଲିଙ୍ଗ ଆତ୍ମାଭେଦେ ବ୍ୟାକରଣେ କହି ଶମ୍ଭୁ ଶେଫଚିହ୍ନେ ବର୍ତ୍ତି ।
ଶୃଙ୍ଗୀ ଗୋମୃଗାଦି ପର୍ବତ ସୁବର୍ଣ୍ଣମୀନ ଔଷଧି ବୋଲାନ୍ତି ।୮ ।
ଯୁଗ ସତ୍ୟାଦି ରଥ ଅଙ୍ଗେ କହନ୍ତି ଯୁଗଳ ବୋଲାଇ ଯୁଗ ।
ଉଗ୍ର ବୋଲି କହି ଶିବଙ୍କୁ ଭୟକ ଗାଥା ଯୂଥ ବେନି ବର୍ଗ ।୯ ।
ବଙ୍ଗ ବୋଲି ରାଙ୍ଗ ମାରଣେ ପ୍ରଦେଶେ କାର୍ପାସେ ବାର୍ତ୍ତାକୀବୃକ୍ଷେ ।
ଫଲ୍‌ଗୁ ଉତ୍ପଳ ସୁନ୍ଦର ଫଲ୍‌ଗୁ ସାର ନଦୀକି ବୋଲି ପ୍ରତ୍ୟକ୍ଷେ ।୧୦ ।
ନାଚ ବୋଲନ୍ତି ଯେ କ୍ରୁରକୁ ଶ୍ରେଷ୍ଠକୁ ନାଗମାତଙ୍ଗ ଉରଗ ।
ଶୃଙ୍ଗ କହି ଭୃଗୁତ୍ୱ ଶିଖରକୁ ଚିହ୍ନି ବିଷାଣ ଯେ ଶୃଙ୍ଗ ।୧୧ ।

ଆଭୋଗ ବୋଲନ୍ତି ବରୁଣଛତ୍ରକୁ ପୂର୍ଣ୍ଣତା ପୁଣି ଆଭୋଗ ।
ଆଶୁଗ କାଣ୍ଡ ପବନ ଉଚ୍ଛନ୍ନତା କ୍ରମୁକ ଫଳ ଉଦେଗ ।୧୨ ।
କଳିଙ୍ଗଭୁମିକର୍କାରୁ ଯେ ଧୂମ୍ୟାଟ କୃଟଜ ପୃତି କରଜ ।
କଳିଙ୍ଗ ବୋଲି ନଦୀ ଦେଶ କଳିଙ୍ଗ ଭୁଜଙ୍ଗମ ମତ୍ତଗଜ ।୧୩ ।
ପରାଗ ବୋଲାଇ ପୁଷ୍ପରାଗ ପୁଷ୍ପରେଣୁ ଧୂଳି ଗନ୍ଧ ସାର ।
ବରାଙ୍ଗ ବୋଲାଇ ଭଗ ଗୁଦ ଗୁଡ଼ତ୍ୱକ ଯେ କୁଞ୍ଜର ଶିର ।୧୪ ।
ପନ୍ନଗ ଅହି ଔଷଧିଭେଦେ ଅଛି ଶଡ଼ଗରେ ଭଗ ଭୁଜଙ୍ଗ ।
ପତ୍ରାଙ୍ଗ ରକ୍ତଚନ୍ଦନ ନଦୀଭେଦ ସ୍ୱପତ ଗଜ ମାତଙ୍ଗ ।୧୫ ।
ରଥାଙ୍ଗ ବୋଲନ୍ତି ଚକ୍ର ଚକ୍ରବାକ ମୃଦଙ୍ଗ ମୁରଜ ଘୋଷ ।
ପ୍ଲବଗ ମର୍କଟ ମଣ୍ଡୁକ ସାରଥି ନାବିକ ଦିବସଈଶ ।୧୬ ।
ପୁନ୍ନାଗ ବୋଲନ୍ତି ସବେଶେ ତାରାଳେ ପାଣ୍ଡୁ ନାଗେ ଜାତିଫଳେ ।
ପୁନ୍ନାଗ ଦେବବଲ୍ଲଭତରୁ ନରଶ୍ରେଷ୍ଠ ନାମ ସବୁକାଳେ ।୧୭ ।
ପତଙ୍ଗ ବୋଲନ୍ତି ସୂର୍ଯ୍ୟଙ୍କୁ ପକ୍ଷିଙ୍କି ଶଳଭକୁ ବୁଧଜନ ।
ସର୍ବଗ ଶଙ୍କର ସଲିଳ ସଂଭୋଗ ଭୋଗ ପୁଣି ନିଧୁବନ ।୧୮ ।
ପଦ୍ମ ମୃଗ ଶଙ୍ଖ ରଜନୀ ଚନ୍ଦ୍ରମା ଧନୁ ସୁବର୍ଣ୍ଣ ଚାତକ ।
ହଂସ ମନ୍ମଥକୁ ଘେନିଣ ଶାରଙ୍ଗ ନାମ କହନ୍ତି ଏତେକ ।୧୯ ।
ରକ୍ତାଙ୍ଗ ବିଦ୍ରୁମ ମଙ୍ଗଳ କାମୀ ଯେ ହେମାଙ୍ଗ ଗରୁଡ ବିଧି ।
ଉପରାଗ ଶବ୍ଦ ଗ୍ରହଗ୍ରସ୍ତେ ଗ୍ରହକଲ୍ଲୋଳେ ପୂର୍ଣ୍ଣେ ଏ ସିଦ୍ଧି ।୨୦ ।
ଛତ୍ରଭଙ୍ଗ ବୋଲି ବୈଧବ୍ୟଜନରେ ସ୍ୱତନ୍ତ୍ର ନୃପନାଶକୁ ।
କଥାପ୍ରସଙ୍ଗ ବୋଲନ୍ତି ବିଷବୈଦ୍ୟ ଆହୁରି ଯେ ବାଳିଶକୁ ।୨୧ ।

**ଇତି ଗାନ୍ତ ।**

ଅ**ଘ** ବୋଲି କଂସମଲ୍ଲକୁ ପାପକୁ ଅର୍ଘ୍ୟ ପୂଜାବିଧି ମୂଲ୍ୟ ।
ବ୍ୟାଘ୍ର ବୋଲନ୍ତି ଶାର୍ଦ୍ଦୂଳକୁ ଶ୍ରେଷ୍ଠକୁ ଘେନ ବୃନ୍ଦଦେବ ବଳ ।୧ ।
ମୁଦ୍ଘ ବୋଲନ୍ତି ଯେ ଦେହଜାନିଳକୁ ମୁଦ୍ଘ ଅଗ୍ନି ଅସ୍ତ୍ର ନାମ ।
ଶୀଘ୍ର ବୋଲି କୃଷ୍ଣାଗୁରୁକୁ ବେଗ କୁ ଔଷଧିଭେଦେ ଜାଣିମ ।୨ ।

ଅନଘ ବୋଲି ନିଷ୍ପୀସକୁ ଶୋଭାକୁ ପ୍ରତିଘ ପ୍ରଘାତ ବୋଧ ।
ମହାମୂଲ୍ୟରେ ନାୟକଠାରେ ଦିଏ ମହାର୍ଘ ଶବ୍ଦ ପ୍ରସିଦ୍ଧ ।୩ ।
ପରିଘ ଅଛି ଶସ୍ତ୍ରରେ ଯୋଗଭେଦେ ପରିଘ କାଚକଲଶ
ନିଦାଘ ବୋଲନ୍ତି ଗ୍ରୀଷ୍ମସମୟକୁ ସ୍ୱେଦେଜଳଠାରେ ଭାଷ ।୪ ।

**ଇତି ଘାନ୍ତ ।**

କଚ ବୋଲି ଗୁରୁ ପୁତ୍ରକୁ ଦେଶକୁ କାଚ ନେତ୍ରରୋଗ ମଣି ।
କ୍ରୌଞ୍ଚ ବୋଲି ଦ୍ୱୀପ ପର୍ବ୍ବତ ବିହଗ ବିଶେଷକୁ ଲୋକେ ଗଣି ।୧ ।
କୂଚ ଭ୍ରୂଉରଜ କଠିନ କୈତବ ଚର୍ଚ୍ଚା ଯେ ଚିନ୍ତା ପୂଜନ ।
କାଞ୍ଚୀ ବୋଲି ପୁର ମେଖଳାଦାମକ ବୋଲନ୍ତି ସୁବୁଦ୍ଧି ଜନ ।୨ ।
ତ୍ୱଚ ଚର୍ମ ଗୁଡ଼ତ୍ୱକକୁ ବୋଲନ୍ତି ନୀଚ ବାମନ ପାମର ।
ରୁଚି ଦୀପ୍ତି ଶୋଭା କାନ୍ତି ଅଭିଳାଷବିଡ ବଣୀ ବୃକ୍ଷ କୀର ।୩ ।
ବୀଚି ବୋଲନ୍ତି ସୁଲ୍ପକୁ ତରଙ୍ଗକୁ ମୋଚା ଶାଲ୍ମଳୀ କଦଳୀ ।
ଶୁଚି ଗ୍ରୀଷମକୁ ପବିତ୍ରକୁ ଶୁଚି ଅଗ୍ନିକି ଶୁକ୍ଳକୁ ଛଳି ।୪ ।
ଶୁଚି ବୋଲି ପର୍ବତେକ ରାକ୍ଷସେକ ଶୁଚି ବଜ୍ରକୁ କହନ୍ତି
ଶୁଚି ନାମ ବହେ ଶୃଙ୍ଗାର ଆଷାଢ଼ ଶୁଚି କ୍ଷୁଦ୍ରାୟୁଧେ ବର୍ତ୍ତି ।୫ ।
କାଣୀଚୀ ବୋଲନ୍ତି ପୁଷ୍ପବତୀଲତା ଗୁଞ୍ଜ ସଙ୍କଟ ସହିତେ ।
କବଚ ବୋଲି ସେହକୁ ପର୍ଯ୍ୟଟକୁ ମଦ୍ୟଭାଣ୍ଡକୁ ଯୁଗତେ ।୬ ।
ପ୍ରପଞ୍ଚ ବୋଲି ଚୋରକୁ ବିସ୍ତାରକୁ ନମୁଚି ଅସୁର ସାର ।
ମରୀଚି କିରଣ ସପ୍ତରଷି ଜାଣ ବିପଞ୍ଚୀ ବୀଣା ବିହାର ।୭ ।
ମାରୀଚ କଙ୍କୋଳ ଯାଜକ ଦ୍ୱିଜ ଯେ ମାୟକୁରଙ୍ଗ ଅସୁର ।
ସଂକୋଚ ବୋଲି ଯେ ବନ୍ଧ କୁଙ୍କୁମକୁ ବିରଞ୍ଚି ବିଧି ଶ୍ରୀଧର ।୮ ।

**ଇତି ଚାନ୍ତ ।**

ସ୍ୱଚ୍ଛ ବୋଲି ସ୍ଫଟିକକୁ ଭଲ୍ଲୁକକୁ ଗୁଚ୍ଛ ଯେ ସ୍ତବକ ହାର ।
ସ୍ୱଚ୍ଛନିର୍ମଳ ଅଭିମୁଖ ମ୍ଳେଚ୍ଛ ଯେ ଅପଭାଷଣ ପାମର ।୧ ।

**ଇତିଚ୍ଛାନ୍ତ ।**

**ଜ୍ୟା** ବୋଲନ୍ତି ସରସ୍ୱତୀଙ୍କି ନଭକୁ ପିଶାଚକୁ ଗଗନକୁ ।
ଜ୍ୟା ବୋଲି ପୃଥ୍ୱୀକି ଜ୍ୟା ବୋଲି ଗୁଣକୁ ଜନେ ଆଣିମ ମନକୁ ।୧ ।
ଅଜ ବୋଲନ୍ତି ବିଷ୍ଣୁ ଶିବ ବିଧାତା ଛାର ସୂର୍ଯ୍ୟବଂଶ ନୃପ ।
ରାଜା ନୃପତି ଚନ୍ଦ୍ରକୁ କହି ରାଜା କ୍ଷତ୍ରିୟ ଯକ୍ଷକଳାପ ।୨ ।
ବଜ୍ର ବୋଲି ହୀରା କୁଳିଶ କୁଜ ଯେ ମଙ୍ଗଳ ନାରକାସୁର ।
ବାଜୀ ବୋଲନ୍ତି ଯେ ଅଶ୍ୱକୁ ପକ୍ଷିଙ୍କି ବାଜି ବୋଲାଇ ଯେ ଶର ।୩ ।
ଉର୍ଜ୍ଜ ବୋଲି କାର୍ତ୍ତିକକୁ କାନ୍ତି ଉତ୍ସାହକୁ ବଳ ପ୍ରାଣ ବେନି ।
କଞ୍ଜ ବୋଲି ଯେ ବିରଞ୍ଚି କୁନ୍ତଳକୁ ସୁଧାକୁ ପଦ୍ମକୁ ଘେନି ।୪ ।
କୁଞ୍ଜ ବୋଲନ୍ତି ନିକୁଞ୍ଜକୁ ହନୁକୁ କୁଞ୍ଜବୋଲି ହସ୍ତିରହେ ।
ବ୍ରଜ ବୋଲନ୍ତି ବଲ୍ଲଭ ବୃନ୍ଦକୁ ଯେ କୁବ୍‌ଜ ଲୁବ୍ଧ ବୃକ୍ଷଭେଦେ ।୫ ।
ଦ୍ୱିଜ ବୋଲନ୍ତି ବ୍ରାହ୍ମଣ କ୍ଷତ୍ରି ବୈଶ୍ୟ ଦ୍ୱିଜ ବିହଙ୍ଗ ରଦନ ।
ଧ୍ୱଜ ବୋଲାଇ ଯେ ସ୍ୱର୍ଣ୍ଣକ ପତାକା ଖଟ୍ୱାଙ୍ଗ ଚିହ୍ନ ମୋହନ ।୬ ।
ରଜ ଶବ୍ଦ ରେଣୁ ରାଗ ଶାନ୍ତି ବ୍ରଜ ଗୁଣାନ୍ତରେ ପ୍ରବର୍ତ୍ତଇ ।
ରଜ୍ଜୁ ବୋଲି ବେଶ ଦାମେ ପ୍ରଜା ବୋଲି ଲୋକ ସନ୍ତାନକୁ କହି ।୭ ।
ବୀଜ ବୋଲନ୍ତି ଯେ ହେତୁକୁ ବୀର୍ଯ୍ୟକୁ ବୀଜ ଅଙ୍କୁର କାରଣ ।
ସ୍ୱଜ ବିଧି ରୁଦ୍ର ସ୍ୱଜ ବୋଲି ସ୍ୱେଦ ଶୋଣିତ ପୁତ୍ରକୁ ଜାଣ ।୮ ।
ବାଜ ଅଛି ପକ୍ଷିଭେଦେ ବାଜ ବୋଲି ପକ୍ଷନିଃସ୍ୱନ ବେଗକୁ ।
ଖଞ୍ଜ ପଙ୍ଗୁ ଭାଣ୍ଡ ଗିରି ଖଞ୍ଜ ବୋଲି ଛନ୍ଦ କୁଟିଳ ଅଙ୍କକୁ ।୯ ।
ଅଣ୍ଡଜ ବୋଲି ମୃଗମଦେ ସରଟେ ଭୁଜଙ୍ଗମେ ଖଗେ ଝସେ ।
ଅଜଙ୍ଗ ବୋଲି ରୁଧିରେ ପଞ୍ଚଶରେ ପୁତ୍ରଠାରେ ପୁଣି କେଶେ ।୧୦ ।

ପଦ୍ମ ଚନ୍ଦ୍ର ଶଙ୍ଖ ବ୍ରଜହିଁ ଜଳ ଏ ପାଞ୍ଚ ବୋଲନ୍ତି ଅମ୍ବୁଜ ।
ଦେଶବିଶେଷ ଶଙ୍ଖ ହସ୍ତି ଭେଦରେ ବୋଲନ୍ତା ଅଛି କାମ୍ବୋଜ ।୧୧ ।
କାମ୍ବୋଜ ବୋଲି ନାଗରଙ୍ଗପାଦପେ ସୋମବଲ୍ଲେ ଅଭ୍ୟନ୍ତରେ ।
ବୋଲି କରଜ କରଞ୍ଜକୁ ନଖକୁ ବାହୁଜ କ୍ଷତ୍ରିୟେ କରେ ।୧୨ ।
ପରଞ୍ଜ ଶବ୍ଦ ତୈଳଯନ୍ତ୍ରେ ଛୁରିକାଫଳେ ଫେନିଳେ କହନ୍ତି ।
ଗିରଜା ବୋଲି ପାର୍ବତୀ ମାତୁଳଙ୍ଗେ ହିମଜା କାନ୍ତି ପାର୍ବତୀ ।୧୩ ।
କାଶ୍ମୀରଜ ନାମ ବହଇ କୁଙ୍କୁମ କୁଷ୍ଠ ଅତିବିଷାବୃକ୍ଷେ ।
ଜଘନ୍ୟକ ବୋଲି କନିଷ୍ଠେ କୁଷ୍ଟୁଳେ ଅହି ଉଦକେ ପ୍ରତ୍ୟକ୍ଷେ ।୧୪ ।
ଯମ ଯୁଧିଷ୍ଠିର ବୁଧ ଏ ତିନିହେଁ ବୋଲାନ୍ତି ଯେ ଧର୍ମରାଜ ।
ଭୃଙ୍ଗରାଜ ବୋଲି ମାର୍କବ ଭ୍ରମର ପକ୍ଷି ବିଶେଷରେ ହେଜ ।୧୫ ।
ବୋଲାଇ ଯକ୍ଷରାଜ ଧନପତି ଯେ ମନ୍ତ୍ରୀ କନକ ବନ୍ଧନ ।
ଭରଦ୍ୱାଜ ବୋଲି ମୁନିଏ ଅଛନ୍ତି ବ୍ୟାଘ୍ରାଟ ବିହଙ୍ଗ ପୁନଃ ।୧୬ ।
ରାଜରାଜ ସୁଧାକିରଣ କୁବେର ରାଜରାଜ ଚକ୍ରବର୍ତ୍ତୀ ।
କ୍ଷୀରାବ୍ଧୀଜ ସିନ୍ଧୁଲବଣ ମୁକୁତା କ୍ଷୀରାବ୍ଧିଜ ନିଶାପତି ।୧୭ ।

**ଇତି ଜାନ୍ତ ।**

**ଝଂ**ଝା ବୋଲି କହି ଧ୍ୱନିବିଶେଷକୁ ପୁଣି ପବନଭେଦକୁ ।
ଅମ୍ବୁଜକଣବର୍ଷଣଠାରେ ଦେଇ ପୁଣି ଝଂଝା ଶବଦକୁ ।୧ ।

**ଇତି ଝାନ୍ତ ।**

ଆ**ଜ୍ଞା** ବୋଲି ଅବଧାନକୁ ସନ୍ଦେଶେ ବିଭୁତିକି ପ୍ରୟୋଜନେ ।
ସଂଜ୍ଞା ବୋଲନ୍ତି ନାମକୁ ଗାୟତ୍ରୀକି ରବିପତ୍ନୀକି ଚେତନେ ।୧ ।
ଅଜ୍ଞ ବୋଲି ଜଡ଼ ମୂର୍ଖକୁ ରାଜ୍ଞୀ ଯେ ରାଜପତ୍ନୀ ସୂର୍ଯ୍ୟଭାର୍ଯ୍ୟା ।
କୃତଜ୍ଞ କୁକ୍କୁର ମର୍ଯ୍ୟାଦା ସର୍ବଜ୍ଞ ଶିବ ବୁଧ କର ହେଜା ।୨ ।

**ଇତି ଜ୍ଞାତ ।**

ଇଷ୍ଟ ବୋଲନ୍ତି ପୂଜିତକୁ ଶ୍ରେଷ୍ଠକୁ ଇଷ୍ଟ ଯାଗ ଅଭିଳାଷ ।
କ**ଟ** ଗଜଗଣ୍ଡ ଶ୍ରୋଣୀ କଟୁରସ ଲତାଭେଦ ଗ୍ରାମ୍ୟଭାଷ ।୧ ।
କୂଟ କପଟ ଗିରିଶୃଙ୍ଗ ବୋଲାଇ କୁଟୀ ସୁରାଘଟ ବାସ ।
କୋଟୀ ଅଛି ଧନୁଅଗ୍ରରେ ସଂଖ୍ୟାରେ ଋଷିପ୍ଲକ୍ଷେ ଜଟାଭାଷ ।୨ ।
ଚାଟୁ ବୋଲନ୍ତି ଚାପକୁ ଉଦରକୁ ବୀରମାନଙ୍କ ଆସନେ ।
ପଟ ବୋଲି ଯେ ପିଆଳପପ୍ରାଦକୁ ଚିତ୍ରପଟକୁ ବସନେ ।୩ ।
ଘଟ ଶରୀର କୁମ୍ଭ ଘଟ ବୋଲାନ୍ତି ଲଗ୍ନକର ମୂଳ ବେନି ।
ତ୍ୱଷ୍ଟା ବୋଲି ଦେବଶିଳ୍ପିକି ତୀକ୍ଷ୍ଣକୁ ଆଦିତ୍ୟକୁ ପୁଣ ଘେନି ।୪ ।
ପଟୁ ବୋଲି ନୀରୋଗକୁ ଚତୁରକୁ ପଟୋଳକୁ ଲବଣକୁ ।
ପଟ୍ଟ ବୋଲି କମ୍ବଳକୁ ଚିକ୍କଣକୁ ଦେବଗଣ ପାଷାଣକୁ ।୫ ।
ଯଷ୍ଟି ବୋଲନ୍ତି ଭୁଜକୁ ଲାଙ୍ଗୁଡ଼କୁ ପୁଣି ଯଷ୍ଟି ଶସ୍ତ୍ରହାର ।
ବିଟ ବୋଲାନ୍ତି ଯେ ଶିଖରୀ ଲବଣ ଶିଙ୍ଗ୍ ମଷିକ ଖଦିର ।୬ ।
ହୃଷ୍ଟ ରୋମାଞ୍ଚିତ ବିସ୍ମିତ ହରଷ ସ୍ଫୁଟ ଯେ ପ୍ରଫୁଲ୍ଲ ବ୍ୟକ୍ତ ।
ମୁକ୍ତିନିଃସୃତ ପାଦସ୍ଫୋଟ କକଟୀଠାରେ ସ୍ଫୁଟ ଶବ୍ଦ ବ୍ୟକ୍ତ ।୭ ।
ସୃଷ୍ଟି ବୋଲି ନିର୍ମିତକୁ ସ୍ୱଭାବକୁ ସଟା ଯେ ଜଟା କେଶର ।
ଋଷି ବୋଲି କୃପାଣକୁ ଅଶୁଭକୁ ନଟାବସ୍ତ୍ର ବୈଶ୍ୱାନର ।୮ ।
ଦୃଷ୍ଟି ବୋଲନ୍ତି ଲୋଚନକୁ ବୃଦ୍ଧକୁ ଦୃଷ୍ଟି ବୋଲନ୍ତି ଦର୍ଶନେ ।
ଦୃଷ୍ଟି ବୋଲନ୍ତି ବରାହ ଘଷଣକୁ ତୀରେ କ୍ଷେତ୍ରେ ଘଟେ ଘନେ ।୯ ।
ଅବଟ ବୋଲନ୍ତି କୁହରକୁ ପୁଣି ଗର୍ତ୍ତ କୂପରେ ଅଖିଳେ ।
କର୍କଟ ବୋଲି ରାଶି ପକ୍ଷିଭେଦରେ କୁଳୀର ଶାଳ୍ମଳୀଫଳେ ।୧୦ ।
ଅରିଷ୍ଟ ବୋଲାଇ ଲସୁନ ଫେନିଲ କାକ କଙ୍କ ଷଣ୍ଢାସୁର ।
କୁକ୍କୁଟ ନିଷାଦ ତାମ୍ରଚୂଡ଼ ତୃଣ ଉଲ୍କା ଯେ ଶୁଦ୍ରକୁମର ।୧୧ ।
କରଟ ରାଜଗଣ୍ଡ ଯେ ନିନ୍ଦ୍ୟଜୀବ କୁସୁମ୍ଭ ଯେ ବାଦ୍ୟଭେଦ ।
ଧୀରାଟ ଚାତକ ତୁରଙ୍ଗ ଚକ୍ରାଟ ଧ୍ରୁବ ପୁଣି ବିଷବୈଦ୍ୟ ।୧୨ ।
ତ୍ରିକୂଟ ବୋଲନ୍ତି ସିନ୍ଧୁଲବଣକୁ ତ୍ରିକୂଟ ପର୍ବତାନ୍ତରେ ।
ତ୍ରିକୂଟ ଶବ୍ଦ ବ୍ରତତୀ ସୁକ୍ଷ୍ମେକାରେ ତ୍ରିବୃତାରେ ମଲ୍ଲିକାରେ ।୧୩ ।

କର୍ଣ୍ଣାଟ ନାମ ଗାୟକ ଚିତ୍ରକର ମର୍କଟ ଲତା ବାନର ।
ଶୈଳାଟ ବୋଲନ୍ତି ଦେବବଳ ସିଂହ ଶୁକ୍ଳକାର ଯେ ଆବର ।୧୪ ।
ପତିତବ୍ରାହ୍ମଣୀପୁତ୍ର ଯେ କାମୁକ ଦାସୀ ତିନି କୁଣ୍ଡଲିଟ ।
ପ୍ରିୟ ବିଭ୍ରମକୁ ବେଶ୍ୟାକୁ ସମସ୍ତେ ବୋଲନ୍ତି ଯେ କାମକୂଟ ।୧୫ ।
ପରପୁଷ୍ଟ ପରଭୃତ ବାରନାରୀ ଶିପିବିଷ୍ଟ ଖଳ ଶବ ।
ଦର୍ଶନ ଦୃଷ୍ଟ ବୋଲାଇ ଯେ ନିଶ୍ୱାସ ଆହୁରି ଅଧରଚୁମ୍ବ ।୧୬ ।

**ଇତି ଟାନ୍ତ ।**

କଣ୍ଠ ବୋଲନ୍ତି ଗଳକୁ ସୁସ୍ୱରକୁ କଣ୍ଠ ଯେ କର୍ମଣ୍ୟ ମୁଖୀ ।
ଜ୍ୟେଷ୍ଠ ବୋଲିକରି ଶ୍ରେଷ୍ଠେ ଅତିବୃଦ୍ଧେ ମାସାନ୍ତରେ ପୁଣି ଲେଖି ।
ଜ୍ୟେଷ୍ଠା ବୋଲାଇ ପତ୍ନୀ ଏକ ନକ୍ଷତ୍ର ଷଷ୍ଠୀ ତିଥି ବାତ୍ୟାୟିନୀ ।
ଦାରୁହରିଦ୍ରାକୁ ମାନ ପ୍ରକର୍ଷକୁ କାଳେ ଦିଗେ କାଷ୍ଠା ଘେନି । ୨ ।
ଶଠ ବୋଲନ୍ତି ଯେ ମଧ୍ୟସ୍ଥ ପୁରୁଷ ଧୂର୍ତ୍ତ ଧୁସର ସହିତେ ।
କଣ୍ଠ ବାମନକୁ ଆୟୁଧ ଗୋଷ୍ଠି ଯେ ସଭା ସଂଳାପ ଯୁଗତେ ।୩ ।
କମଠ କଚ୍ଛପ ଭାଣ୍ଡଭେଦେ ଅଛି କର୍ମଠ ଶିଙ୍ଘ ଚୂଚୁକ ।
ବରିଷ୍ଠ ମରିଚ ତାମ୍ରକୁ ବୋଲନ୍ତି ବୈକୁଣ୍ଠ କୃଷ୍ଣ ଯେ ଶକ୍ର ।୪ ।
ଜରଠ କର୍କଶ ପାଣ୍ଡୁରେ କହନ୍ତି ଧ୍ରୁବକୁ କହନ୍ତି ପୁଣି ।
କଳଧ୍ୱନି ହଂସେ ପାରାବତେ ପିକେ କଳକଣ୍ଠ ବୋଲି ଗଣି ।୫ ।
ଚଟକ ମୟୂର ଖଞ୍ଜନ ମହେଶ ଦାତ୍ୟୁହ ଯେ କାଳକଣ୍ଠ ।
ଜମ୍ବୀର କପିତ୍ଥ ନାରଙ୍ଗ ତୁରଞ୍ଜ ଏ ଚାରିହେଁ ଦନ୍ତଶଠ ।୬ ।
କାଳପୃଷ୍ଠ କହି କଙ୍କବିହଙ୍ଗକୁ ପୁଣି କର୍ଣ୍ଣ ଶରାସନେ ।
ପୂତକଣ୍ଠ ବୋଲି ବିପ୍ର କପୋତକୁ ପୁଣି ପ୍ରକାଶ ଖଞ୍ଜନେ ।୭ ।
ହାରକଣ୍ଠ କହି ହାରଯୁକ୍ତ ବଳେ ହରିକଣ୍ଠ ବନପ୍ରିୟେ ।
ପୁତିକାଷ୍ଠ ବୋଲି ସରଳତରୁକୁ ଦେବାଦାରୁବୃକ୍ଷେ କହେ ।୮ ।

**ଇତି ଠାନ୍ତ ।**

କାଣ୍ଡ ତରୁସ୍କନ୍ଧ ଦଣ୍ଡ ସ୍ତମ୍ଭ ଦ୍ୱୟଭେଦ ଭାଗ ଶର ନୀର ।
କୁଣ୍ଡ ଆଜ୍ଞାଳୟ ଦେବଜଳାଶୟ ଜାରଜାତକ କୁମର ।୧ ।
କୁଣ୍ଡୀ ନଗ୍ର କମଣ୍ଡଳୁ ଯେ ବୋଲାଇ କ୍ଷେ୍ୱଡ଼ ନା ଧ୍ୱନିବିଶେଷ ।
ଖେଡ଼ା କୁଟିଳ ଲୋହିତବର୍ଣ୍ଣ ବିଷ ଶଳାକା ଯେ ସିଂହଘୋଷ ।୨ ।
କ୍ରୋଡ଼ ଗିରିକ୍ରୋଟ ପାଦପ ଅବଟ କ୍ରୋଡ଼ ଉତ୍ସଙ୍ଗ ବରାହେ ।
ଖଣ୍ଡ ବୋଲି ଇକ୍ଷୁବିକାରେ ସକଳେ ମଣ ଦୋଷେ ପୁଣି କହେ ।୩ ।
ଗଣ୍ଡ ଗଣ୍ଡକ ଗ୍ରହ ଯୋଗ ପ୍ରଭେଦ କପୋଳ ଦ୍ୱୟ ଭୂଷଣ
ଜଳନିମ୍ନସ୍ଥାନ ଚିହ୍ନକୁ ପୁଣ ଯେ ଗଣ୍ଡ ବୋଲି କରି ଜାଣ ।୪ ।
ଗୁଡ଼ ଗୋଳକ ମତ୍ତଗଜ ସନ୍ନହ ଗୁଡ଼ ଯେ ଇକ୍ଷୁବିକାର ।
ଗଡ଼ ମୀନ ଦୁର୍ଗ ଗଣ୍ଡାନାଭି ବୃଦ୍ଧ ପାମର ଜାତିଭେଦର ।୫ ।
ଚଣ୍ଡ ତିନ୍ତିଡ଼ୀ ତୀକ୍ଷଣ ଦୈତ୍ୟଭେଦେ ଚଣ୍ଡ ଯମ ପରିଜନେ ।
ଦଣ୍ଡ ଲଗୁଡ଼ ପ୍ରକାଣ୍ଡ ବ୍ୟୂହ ଭେଦ କାଳ ମଥନ ଯେ ସୈନ୍ୟେ ।୬ ।
ଚଣ୍ଡୀ କାତ୍ୟାୟନୀ କୋପବତୀକାରୀ ପାଣ୍ଡୁ ନୃପ ରୋଗଭେଦ ।
ଷଣ୍ଡ କ୍ଳୀବ ଧୀର ନୃତ୍ୟରଙ୍ଗେ ପାତ୍ରେ ପ୍ରବର୍ତ୍ତଇ ଭାଣ୍ଡପଦ ।୭ ।
ମୁଣ୍ଡ ରାହୁଗ୍ରହ ମୂର୍ଦ୍ଧନୀ ମୁଣ୍ଡିତ ମୁଣ୍ଡ ଅଛି ଦୈତ୍ୟାନ୍ତରେ ।
ଷଣ୍ଡ ବୋଲନ୍ତି ଯେ ପଦ୍ମସମୂହକୁ ଷଣ୍ଡ ଶବ୍ଦ ଗୋପତିରେ ।୮ ।
ବ୍ୟାଡ଼ ହିଂସ୍ରପଶୁ ସର୍ପ ପଣ୍ଡତା ଯେ ବିଧବା ମୂଷିକପର୍ଣ୍ଣୀ ।
ବଡ଼ ନିବିଡ଼ ଦେହମାତ୍ର ସିହ୍ଲକ ପିଣ୍ଡ ବୋଲି କରି ଘେନି ।୯ ।
କୁଷ୍ମାଣ୍ଡ ମାୟା ସ୍ତ୍ରୀ କର୍କାରୁ କୋଦଣ୍ଡ ଚାପ ଭ୍ରୂଭୁଷଣ ସତ ।
ଦାନ୍ତ ଦେଶଭେଦ ମୁଖ ଯେ ଗାରଡ଼ ବିଷ ମନ୍ତ୍ର ମରକତ ।୧୦ ।
ତିନ୍ତିଡ଼ୀ ଡ଼ିମ୍ବ ଚିଞ୍ଚାବୃକ୍ଷ ନିର୍ଗୁଣ୍ଡୀ ସେଫାଳିକା ସିନ୍ଧୁବାର ।
ପ୍ରଚଣ୍ଡ ବୋଲି ଦୁର୍ବାହ ପ୍ରତାପକୁ ପୁଣି ଶ୍ୱେତକରବୀର ।୧୦ ।
ମାର୍ତ୍ତଣ୍ଡ କ୍ରୋଡ଼ ଆଦିତ୍ୟ ଭୁଜଙ୍ଗ ଯେ ମାର୍ଗ ଗୋମୟ ମଣ୍ଡଳ ।
ବରଣ୍ଡ ଶସ୍ତ୍ର ଶାରିକା ମୂଳଶାଖା ଅସ୍ତ୍ରକୁ ପ୍ରକାଣ୍ଡ ଭାଳ ।୧୨ ।

ଚକ୍ରବାଡ଼ ବୋଲି କମଣ୍ଡଳୁ ଚକ୍ରବାଡ଼ ଲୋକାଲୋକ ଗିରି ।
ଦେବତାଡ଼ ବୋଲି ରାହୁ ହୁତାଶନେ ଦେବତାଡ଼ ଖରାଖରୀ ।୧୩ ।

**ଇତି ଡାନ୍ତ ।**

ଦୃ**ଢ଼** ବୋଲି ସ୍ଥୂଳେ ନିତାନ୍ତେ ପ୍ରଗାଢ଼େ ଦୃଢ଼ ପୁଣି ବଳବନ୍ତ ।
ଷୋଢ଼ା ଷୋଡ଼ଶୀ ତ୍ରିଯାମା ଗୂଢ଼ ବୋଲି ଗହ୍ୱର ହସରେ ଉକ୍ତ ।
ମୂଢ଼ ମୂର୍ଖ ବାଳରୀତି ଶୁଷ୍କଶୋଭା ବାଢ଼ ପ୍ରତିଜ୍ଞା ଯେ ଦୃଢ଼ ।
ବ୍ୟୂଢ଼ ପୃଥୁଳ ସମୂହକୁ ବୋଲନ୍ତି ମୁଦ୍ରିତ ଘନ ପ୍ରଲୀଢ଼ ।୨ ।
ବ୍ରତ ଦଣ୍ଡ ମାସ ମଳୟ ପର୍ବତ ପୂର୍ଣ୍ଣିମା ଏତେ ଆଷାଢ଼ ।
ବିରଢ଼ ବୋଲି ଅଙ୍କୁରିତ ଜାତକୁ ଗର୍ହିତ ଗୁପ୍ତ ବିଗୂଢ଼ ।୩ ।

**ଇତି ଢାନ୍ତ ।**

ଅ**ଣୁ** ବ୍ରୀହିଭେଦେ ସୂକ୍ଷ୍ମେ କହି ବଂଶ ବଂଶ ନୃପ ଏକ ବେଣୁ ।
କଣା ପିପ୍ପଳୀ ଜୀରକ ମକ୍ଷିକା ଯେ କୁମ୍ଭୀରରେ ପୁଣି ଜାଣୁ ।୧ ।
କଣ ଲବ ଧାନ୍ୟ ଅଂଶକୁ ବୋଲନ୍ତି କାଣ କାକ ଏକନେତ୍ର ।
ପ୍ରାଣ ବୋଲନ୍ତି ରୋଳ ଜଳ ଅନିଳ ଜୀବ ଦେହସ୍ଥ ମାରୁତ ।୨ ।
ଦ୍ରୋଣ କାକଭେଦେ ଦ୍ରୋଣ ଆଚାର୍ଯ୍ୟେ ଯେ ବାଣ କଳିସୁତ ଶର ।
ବାଣା ବହୁମୂଲ୍ୟ ନୀଳାଝିଣ୍ଟି କ୍ଷଣ ଶିବସୈନ୍ୟ ଯେ ନିଜର ।୩ ।
ଗୁଣ ସିଞ୍ଜିନୀ ବିବେକ ପ୍ରଧାନ ଯେ ବୀଣା ବଲ୍ଲକୀ ବିଦ୍ୟୁତି ।
ରଣ କ୍ୱଣ କ୍ୱଣ ସମର ଭୃଣ ଯେ ଶିଶୁ ଗତି ଏ ବୋଲାନ୍ତି ।୪ ।
ବେଣୀ କେଶବେଶ ନଦ୍ୟନ୍ତରେ ପୁଣି ଖରାଖରୀ ପାଦପରେ ।
ଶ୍ରେଣୀ ପଂକ୍ତି ଶିଳ୍ପୀ ମଣି ବୋଲନ୍ତି ଯେ ମୁକ୍ତା ଆଦି ନୃପାନ୍ତରେ ।୫ ।
ଦ୍ରୋଣୀ କାଷ୍ଠମ୍ବୁବାହିନୀ ଗୁରୁସୁତ ବାଣୀ ଭାଗା ସରସ୍ୱତୀ ।
କର୍ଣ୍ଣ ରବିସୁତ ଶ୍ରୁତିକି କହନ୍ତି ବର୍ଣ୍ଣ ଲିପି ଜାତି କାନ୍ତି ।୬ ।

କୃଷ୍ଣ ବୋଲାନ୍ତି ଶ୍ୟାମବର୍ଣ୍ଣ ଅର୍ଜୁନ କାକ ବିଷ୍ଣୁ ବ୍ୟାସ ସୁତ ।
କୃଷ୍ଣା ଦ୍ରୌପଦୀ ଉଷଣା ଦ୍ରକ୍ଷା ନୀଳୀକର୍ଣ୍ଣ ଯେ ଜିନ ବିକ୍ଷିପ୍ତ ।୭ ।
ତୀକ୍ଷ୍ଣ ସମୁଦ୍ର ଲବଣ ବିଷ ଲୋହ ବିଷ୍ଣୁ ଶକ୍ର ଯେ ପଦାର୍ଥ ।
ବୃଷ୍ଣ ଯାଦବ ପାଷାଣ୍ଡ ଚଣ୍ଡ ମେଷ ଚାରିଠାରେ ହୋଏ ଅର୍ଥ ।୮ ।
ଅରୁଣ ବୋଲାଇ ସୂର୍ଯ୍ୟ ସାରଥି ଯେ ରକତ ବର୍ଣ୍ଣ ଆହୁରି ।
କୃପଣ କୂର୍ମ କୁତ୍ସିତକୁ ବୋଲନ୍ତି କୃପାଣ ଖଡ଼କ ଛୁରୀ ।୯ ।
କାରଣ ହେତୁ କର୍ମକର୍ତ୍ତା କାୟୁସ୍ଥବିଷ୍ଟିଆଦି ଏ କରଣ ।
ଅରୁଣା ବୋଲିଣ ତ୍ରିବିଷା ମଞ୍ଜିଷ୍ଠା ତ୍ରିବୃତା ଶ୍ୟାମକୁ ଗଣ ।୧୦ ।
ତରଣି ଭାନୁ କୁମାରୀ ନାବ କାମ କରୁଣା କୃପାଦ୍ରିଭେଦ ।
ପ୍ରକାର ବେଷ୍ଟନ କନ୍ୟାଦିବରଣେ ପ୍ରସିଦ୍ଧ ଚରଣ ଶବ୍ଦ ।୧୧ ।
ବରୁଣ ତିକ୍ତଶାକ ପାଶୀ ବାରୁଣୀ ପଶ୍ଚିମ ଯେ ସୁରା ଦୁର୍ବା
ପାଟୋଳ ମୂଳେ ବଲ୍ଲୀରେ ବିହଙ୍ଗରେ ରମଣ ପଦ ଘେନିବା ।୧୨ ।
ଲକ୍ଷ୍ମଣ କଳଙ୍କ ରାମଭ୍ରାତ କୁରୁରାଜସୁତ ସୁଲକ୍ଷଣ ।
ଲକ୍ଷଣ ସାମ୍ୟ ମନୋହାରୀ ଲକ୍ଷଣା ବୋଲି ବିରାଟକୁ ଆଣ ।୧୩ ।
ଶ୍ରବଣ ବୋଲନ୍ତି କର୍ଣ୍ଣ ନକ୍ଷତ୍ରକୁ ଶ୍ରାବଣପାଷାଣ୍ଡ ମାସ ।
ଜୀପର୍ଣ୍ଣୀ ବୋଲି କାଶ୍ମୀର ଅଗ୍ନିମନ୍ଥ ପଦ୍ମ କୁମ୍ଭିକାକୁ ଭାଷ ।୧୪ ।
ସାରଣ ରାକ୍ଷସାନ୍ତରେ ଚାପଭେଦେ ସରଣୀ ଯେ ମାର୍ଗ ପଂକ୍ତି ।
ସୁଷେଣ ବୋଲନ୍ତି କରମର୍ଦତରୁ କେଶବ ସୁଗ୍ରୀବ ମନ୍ତ୍ରୀ ।୧୫ ।
ସୁପର୍ଣ୍ଣ କହି ସ୍ୱର୍ଣ୍ଣଚୂଡେ  ଗରୁଡ଼େ କୃତମାଳପାଦପକୁ ।
ହରିଣୀ ବୋଲି ହରିଣୀକି ମୃଗୀକି ଜମ୍ବୁନଦ ପ୍ରତିମାକୁ ।୧୬ ।
ଶ୍ରୀକୃଷ୍ଣା ଅଗୁରୁ ବିରାଟରମଣୀ ମୃଗ ପାଣ୍ଡର ହରିଣ ।
ଶୃଙ୍ଗ ଗିରିଶୃଙ୍ଗ  ଅଜସିନ୍ଧି କ୍ଷୀରକାଙ୍କୋଲା ନାଗ ବିଷାଣ ।୧୭ ।
ବ୍ରାହ୍ମଣୀ ଦ୍ୱିଜପତ୍ନୀ ଭାଗା ଭୂଦେବ ଦେବଭାଗ ଯେ ବ୍ରାହ୍ମଣ ।
ସିନ୍ଧୁ ସୈନ୍ଧବ ଦୈତ୍ୟବେଦ ସହିତେ ଭେଦରେ ଅଛି ଲବଣ ।୧୮ ।
ବିଷ୍ଣୁ ଅଭୀରୁ ନାରାୟଣ ଅସୁର ମହାଦେବ ବରିହାଣ ।
ରକ୍ତରେଣୁ ବୋଲି ପଲାଶକଢ଼ୀକି ସିନ୍ଦୂରରଜକୁ ପୁଣ ।୧୯ ।

ଚୂଡ଼ାମଣି ବୋଲି ଶରୋରତନକୁ ପୁଣି କାକଚିଞ୍ଚାଫଳେ ।
ଅଶ୍ୱିନୀ ଆଦି ନକ୍ଷତ୍ରକୁ ଦୁର୍ଗାଙ୍କୁ ଦାକ୍ଷାୟଣୀ ବୋଲି ବୋଲେ । ୨୦ ।
ତୈଳପର୍ଣ୍ଣୀ ଶବ୍ଦ ମଳୟଜେ ସିହ୍ଲା କରେ ଶ୍ରୀବାସେ ପ୍ରବର୍ତ୍ତି।
ଶିଖରଣୀ ରୋମାବଳୀ ନାରୀରତ୍ନ ପୁଣି ମଲ୍ଲିକା ପ୍ରବର୍ତ୍ତି ।୨୧ ।

**ଇତି ଶାନ୍ତ ।**

ର**ତି** ବୋଲି ତୁଳ ସଂଖ୍ୟାକୁ ମଦନବଲ୍ଲଭୀକି ସୁରତିକି ।
ରତି ଅନୁରାଗ ପ୍ରୀତି ରତ ବୋଲି ସୁରତ ଗୁହ୍ୟ ଦୁହିଁଙ୍କି ।୧ ।
ଖଣ୍ଡ ଲବଣ ଧୂସର ବିଟ ଏହି ତିନିହେଁ ବୋଲାନ୍ତି ଧୃତ ।
ଚନ୍ଦ୍ରମଣି ସୂର୍ଯ୍ୟମଣି ପ୍ରାଣନାଥ ଲୋହ ଘେନି ଏତେ କାନ୍ତ ।୨ ।
କ୍ଳାନ୍ତି ବୋଲନ୍ତି ପ୍ରତିଅଙ୍ଗ ନାରୀ ଯେ ପ୍ରସାଦ ଯଶ ଏ କୀର୍ତ୍ତି ।
କ୍ଷିତି ନିବାସ ସେ କ୍ଷିତି କ୍ଷୟ ନାମ କାଳଭେଦେ ଅଛି କ୍ଷିତି ।୩ ।
କ୍ରତୁ ଯଜ୍ଞ ମୁନି କାନ୍ତି ଶୋଭା ରୁଚି କେତୁ ଯେ ପତାକା ଗୃହ ।
କୃତି କରିଣ ହିଂସା ଚର୍ମ କୃତ୍ତିକାତାରା ଭୁଜେ କୃତି କହ ।୪ ।
ଗୁପ୍ତି ବଚନ କାରାଗୃହ ଗମନ ଜ୍ଞାନପଥ ତିନି ପତି ।
ଦୂତ ଜଳ ଅଜ୍ୟ ସୁମନା ସଗୋତ୍ର ଜନ୍ମ ଜନ୍ମ ନାମ ଜାତି ।୫ ।
ଧଚା ବିଧାତା ପାଳକ ତ୍ରେତାଯୁଗ ନାମ ଅଗ୍ନିତ୍ରୟ ହୋଇ ।
ଦନ୍ତ ଶୃଳାକୁଞ୍ଜ ଦଶନ ଏ ତିନି ଦନ୍ତୀ ଗିରି ଗଜେ କହି ।୬ ।
ଦାନ୍ତ ଦର୍ଶିତ କ୍ଲେଶ ସହି ଦିତି ଯେ ଖଣ୍ଡନ ଦୈତ୍ୟଜନନୀ ।
ଦୀପ୍ତି ବିଭାଷିତ ଦଗ୍‌ଧ ଜ୍ୱଳିତ ଯେ ଦ୍ୱିଜ ଶୋଭା ରଶ୍ମି ଘେନି ।୭ ।
ଧାତୁ ବିଷୟ ଶବ୍ଦ ଯୋନି ଚୈରିକ ମନଃଶିଳାଦି ସହିତ
ପ୍ରୀତି ଯୁଗାନ୍ତରେ ମୋଦକୁ କହନ୍ତି ସୁରପତ୍ନୀ ନାମ ଉକ୍ତ ।୮ ।
ପତି କହି ସାମନ୍ତକୁ ବଲ୍ଲଭକୁ ପତ୍ତି ବୋଲାଇ ପଦାତି ।
ଭୀତି କୁଡ୍ୟ ଭୟ ଦୁହିଙ୍କି କହନ୍ତି ଭୁତି ଯେ ଭସ୍ମ ସମ୍ପତ୍ତି ।୯ ।

ଭୂତି ଋଷି ଆଦି ସର୍ବ ଜନ୍ତୁ ଭୂତ ପିଶାଚାଦିଗଣ ଭୂତ ।
ମୁକ୍ତି ମୋଚନ ମୋକ୍ଷକୁ ବୋଲି ମୋକ୍ଷ ମୋଚନ ବୋଲନ୍ତି ମୁକ୍ତ ।୧୦।
ଭକ୍ତି ବିଭାଗ ସେବାକୁ ବୋଲି ଭକ୍ତି କଲା ଜନ ଅନ୍ନ ଭକ୍ତ ।
ପୋତ ବୋଲନ୍ତି ଶିଶୁକୁ ଦହିତ୍ରକୁ ରସ ସୁଗନ୍ଧ ଏ ତିକ୍ତ ।୧୧।
ଲତା ବଲ୍ଲରୀ ପ୍ରିୟଙ୍ଗୁ ଜ୍ୟୋତିଷ୍ମତୀ ଦୁର୍ବା ମାଧବୀ କସ୍ତୁରୀ ।
ରୀତି ସ୍ୱଭାବପିତ୍ତଳ ଶ୍ରୁତି କର୍ଣ୍ଣ ବେଦ ଶକ୍ତି ଶସ୍ତ୍ର ଗୌରୀ ।୧୨।
ସୀତା ବୋଲାନ୍ତି ଶର୍କରା ରଙ୍ଗା ରାମଭାର୍ଯ୍ୟା ଲାଙ୍ଗଳପଦ୍ଧତି ।
ସୁତ ପୁତ୍ର ବୁଧଙ୍କର ଯେ ପାରାଶ ମୁନିପ୍ରଭେଦ ସାରଥୀ ।୧୩।
ଶୀତ ହିମଗୁଣ ଶୀତଳ ଅଳସ ଧବଳ ଶ୍ୟାମଳ ଶୀତ ।
ଶ୍ୱେତ ଶୁକ୍ଳବର୍ଣ୍ଣ ପୁଣି ଦ୍ୱୀପଭେଦ ଅଦ୍ରିଭେଦରେ ଅଛିତ ।୧୪।
ଋତୁ ସମୟ ଅରନ୍ଧ ଶୁକ୍ତ ଶଙ୍ଖ ନଖ ଯେ ମୁକୁତା ସ୍ଫୋଟ ।
ଲେଖା ଲେଖନେ ତିଳକେ ଅଭିତରେ ବସ୍ତ୍ରେ ଚିତ୍ର ଶବ୍ଦ ସ୍ଫୁଟ ।୧୫।
ଚିତ୍ରା ଅଖୁପର୍ଣ୍ଣୀ ସୁଭଦ୍ରା ଗୋଦୁଗ୍ଧା ଚିତ୍ରାନକ୍ଷତ୍ର ଗଣନେ ।
ଧାତ୍ରୀମାତା ଉପମାତା ଆମଳକୀ ପୃଥ୍ୱୀକି କହନ୍ତି ଜନେ ।୧୬।
ଛାତ୍ର ଶିଳୀନ୍ଧ୍ର ଆତପତ୍ର ବୋଲାଇ ଗୋତ୍ର ସଗୋତ୍ର ଶିଖବୀ ।
ନେତ୍ର ବସ୍ତ୍ର ଭେଦ ରଥ ଯେ ନୟନ ମିତ୍ର ଯେ ସୁହୃଦ ହରି ।୧୭।
ଅମୃତ କହି ଯଜ୍ଞଶେଷେ ପୀୟୂଷେ ସଲିଳେ ଘୃତେ ଆହୁରି ।
ଅମୃତ କହି ଅଯାଚିତେ ଅମୃତ ମୋକ୍ଷଦେବ ଧନ୍ୱନ୍ତରୀ ।୧୮।
ଅମୃତ ପଥ୍ୟା ଆମଳକୀ ଗୁଳୁଚୀ ଅମୃତା ଯେ ଭଲ୍ଲାତକ ।
ଅନନ୍ତଶବ୍ଦ ଅପ୍ରମେୟ ଆକାଶ ଶ୍ରୀହରି ନାଗନାୟକ ।୧୯।
କିରାତ ଭୂନିମ୍ବ ମ୍ଲେଛ ଜାତିଭେଦ ଭୂଭୃତ ନେତ୍ର ପର୍ବତ ।
ଜଗତି ଅଛି ଛନ୍ଦଭେଦେ ଜଗତି ଜନ ଅବନୀ ଜଗତ ।୨୦।
ଜୀମୂତ କହି ଗିରିଜଳଧରକୁ ପୁଣି ଯେ ଖରାଖରାବି ।
ପ୍ରସୂତ ପ୍ରସ୍ତାର କୁଙ୍କୁମତନୟ ଜଘନ ଅର୍ଦ୍ଧାଞ୍ଜଳିକି ।୨୧।
ଗୋପତି ବୋଲାନ୍ତି ନୃପତି ଭାସ୍କର ବୃଷଭ ଯେ ଶିବପତ୍ନୀ ।
ଜୟନ୍ତ ବୋଲାନ୍ତି ଭୀମ ଇନ୍ଦ୍ରପୁତ୍ର ଜୟାବୃକ୍ଷ କାକ ଘେନି ।୨୨।

ପଳିତ ଶୈଳଜ କର୍ଦ୍ଦମ ତାପଯେ ସପର ବାଳ ଗଳିତ ।
ଦେବୀ ମୁନୀ ଆଦି ମସ୍ତ୍ୟଭେଦ ବୃକ୍ଷ ଶିକ୍ଷରୀ ନାମ ପର୍ବତ ।୨୩ ।
ପ୍ରବୃତ୍ତି ବୋଲି ପ୍ରବୃତ୍ତି ଯେ ଭବନେ ପ୍ରବାହେ ମଳ ଉତ୍ସର୍ଗେ ।
ପ୍ରକୃତି ବୋଲି ମାୟାକୁ ରବିପତ୍ନୀ ସିଲ୍ଲକ ଯେ କବିବର୍ଗେ ।୨୪ ।
ପାର୍ବତୀ ବୋଲାନ୍ତି ଅମ୍ବିକା ଗୋପାଳପୁତ୍ରିକା ଭେଦରେ ଘେନି
ଭାରତୀ ବୋଲି ବଚନ ସରସ୍ୱତୀ ପକ୍ଷିଭେଦରେ ଯେ ମାନି ।୨୫ ।
ଭରତ କହି ନାଟ୍ୟଶାସ୍ତ୍ର ଭେଦରେ ରାମାନୁଜେ ଦେଶାନ୍ତରେ ।
ରୈବତ ରାଜା ରୈବତ ଗିରିରେ ଯେ ରୈବତ କହି ଶଙ୍କରେ ।
ରେବତୀ ମାତୃଭେଦେ ପ୍ରାନ୍ତତାରକା ହଳଧରମନୋହାରୀ ।
ରୋହିତ ରଜୁ ଇନ୍ଦ୍ରଧନୁ କୁଙ୍କୁମ ଦୁରନ୍ତ ପାନ ଚମରୀ ।୨୭ ।
ବାସନ୍ତି ବୋଲାନ୍ତି ପାଟଳୀ ଯୂଥିକା ମାଧବୀ ଯେ କ୍ରମେଳକ ।
ବାସନ୍ତୀ ବିଟ ବହିତ୍ରକୁ ବୋଲନ୍ତି ବାସନ୍ତୀ ବୋଲାଇ ପିକ ।୨୮ ।
ଶ୍ରୀପତି ଶ୍ରୀହରି ନୟନ ଶୁଦ୍ଧାନ୍ତଃପୁର ମଧ୍ୟ କକ୍ଷାନ୍ତର ।
ସଂବର୍ତ୍ତ ପ୍ରଳୟକାଳ କପିଞ୍ଜଳ ଅଛି ଏକ ମୁନିବର ।୨୯ ।
ରଜତ ଶୁକ୍ଳହାର ରୌପ୍ୟ ବୋଲାଇ ମରୁତ ଦେବତା ବାତ ।
ଘାତକୁ ନରକାନ୍ତରକୁ ମଢ଼କୁ ବୃନ୍ଦକୁ କହି ସଂଘାତ ।୩୦ ।
ସନ୍ତତି ଗୋତ୍ରପଂକ୍ତି ପୁତ୍ର ମହତୀ ବଲ୍ଲକୀ ସମୁଦ୍ରସ୍ନାନ ।
ସଁଗତି ବିନୟ ଧ୍ୱନିକି ବୋଲନ୍ତି ସଂଗତ ସଂଗମ ଜ୍ଞାନ ।୩୧ ।
ସୁନୀତି ଶୋଭା ଧ୍ରୁବମାତା ସ୍ୱକୃତ ମଙ୍ଗଳ ସତ୍ୟବଚନ ।
ହସନ୍ତୀ ଅଙ୍ଗାରଧାନୀ ମଲ୍ଲିକା ଯେ ଶାବିନୀ ନାମ ପ୍ରଣାମ ।୩୨ ।
ହରୀତ ମୁନିଭେଦ ପକ୍ଷୀଭେଦ ଯେ ହାରୀତ ପୁଣି କୈତବ ।
ହରିତ ଦିଗ ପୁଣି ବର୍ଣ୍ଣ ହରିତ ଦୂର୍ବାବନକୁ ଘେନିବ ।୩୩ ।
ଐରାବତ ଅଭ୍ର ମାତଙ୍ଗ ନାରଙ୍ଗ ଲକୁଚ ନାଗ ପ୍ରଭେଦ
ରତୁଦର୍ପ ଇନ୍ଦ୍ରଧନୁ ଐରାବତ ସୌଦାମିନୀକି ଯେ ଦବ ।୩୪ ।
ଗନ୍ଧବତୀ ପୃଥ୍ୱୀ ଏକ ଗୁରୁ ବ୍ୟାସମାତା ସୁତା ନାମ ଜାଣ ।
କୁହୁରତୁ ଶବ୍ଦ ପିତ ଆଳାପରେ ସୁରତଧ୍ୱନିରେ ଆଣ ।୩୫ ।

ଚନ୍ଦ୍ରକାନ୍ତ ଚନ୍ଦ୍ରମଣି କଇରବ ପଲ୍ଲବିତ ଦ୍ରାକ୍ଷାପତ୍ର ।
ପୁଷ୍ପବନ୍ତ ଅଛି ବିଦ୍ୟାଧର ଭେଦେ ଦିଗଦନ୍ତୀ ପୁଷ୍ପବନ୍ତ ।୩୬ ।
ଭୋଗବତୀ ଧବ ହରିପୁର ନାମ ଲକ୍ଷ୍ମୀପତି ନୃପ ହରି ।
ହୈମବତୀ ସ୍ୱର୍ଣ୍ଣଗିରି ହରିତକୀ ଶ୍ୱେତବଚ ଗଙ୍ଗା ଗୌରୀ ।
ବସନ୍ତଦୂତ ଚୂତ ପିକ ପଞ୍ଚମରାଗକୁ ଜନେ କହନ୍ତି ।
ପାଟଳୀବୃକ୍ଷ ମାଧବୀ ଲତା ଦୁହେଁ ପ୍ରମାଣ ବସନ୍ତ ଦୂତୀ ।୩୮ ।
ମୂର୍ଦ୍ଧାଭିଷିକ୍ତ ଶଚିବ ଯେ କ୍ଷତ୍ରିୟ ମହୀପତିରେ ପ୍ରସିଦ୍ଧି ।
ସମୁଦ୍ର ନବନୀତ ସର୍ବସତରେ ପୀୟୂଷ ଯେ କଳାନିଧି ।୩୯ ।

**ଇତି ତାନ୍ତ ।**

**ଅର୍ଥ** ନାନାର୍ଥ ଧନ କଛା ମୃଣ୍ମୟ ଭୀତି ପ୍ରାବରଣାନ୍ତର ।
ଗ୍ରନ୍ଥ ପୁସ୍ତକ ଦ୍ରବ୍ୟ ରଥ ସ୍ୟନ୍ଦନ ବେତସ ଯେ କଳେବର ।୧ ।
ବନ୍ଧନ ଛଦଗ୍ରହ ପାର୍ଥି ପର୍ବ ଏ ଗ୍ରନ୍ଥ ବୋଲାନ୍ତି ସ୍ୱଭାବେ ।
କୋଥ ନେତ୍ର ରୋଗ ସଙ୍କଟ ଗାଥା ଯେ ଶ୍ଳୋକ ଭାଷାନ୍ତେ ସମ୍ଭବେ ।୨ ।
ପୃଥୁ ପୀନକପତ୍ର କୃଷ୍ଣଜିରା ଯେ ଅଗ୍ନି ଏକ ନରେଶ୍ୱର ।
ପ୍ରୋଥା ଦ୍ୱୟଘୋଷ କଟୀମଧ୍ୟ ମନ୍ଥ ମନ୍ଥନ ଯେ ଦିବାକର ।୩ ।
ପାଥଅର୍କ ଅଗ୍ନି ଜଳସିକ୍‌ଥ ବୋଲି ମଧୁଛିଷ୍ଟକୁ ଅନ୍ନକୁ ।
ବିଧି ଗୃହାଙ୍ଗପଂକ୍ତି ଗ୍ରନ୍ଥ ବୋଲାନ୍ତି ମୀନଭେଦକୁ ସାନୁକୁ ।୪ ।
ଅତିଥି ବୋଲି ଅଭ୍ୟାଗତ ପୁଣି ଯେ ଅତିଥି କୃଶ କୁମର ।
ବମଥୁ ବୋଲାଇ ବମନ ବମଥୁ ଆହୁରି କରିଶିଖର ।୫ ।
ଅଶ୍ୱତ୍‌ଥ ଅଶ୍ୱ ପୌର୍ଣ୍ଣମାସୀ ତିଥି ଯେ ଅଶ୍ୱତ୍‌ଥ ପିପ୍ପଳ ଦ୍ରୁମ ।
ପ୍ରମଥ ବୋଲାଇ ହରୀତକୀ ମହାଦେବପରିକର ନାମ ।୬ ।
ବିରୁଥ କହନ୍ତି ରଥଗୁପ୍ତିକି ଯେ ବିରୂଥ ହର୍ମ୍ୟ ସଦନ ।
ବୋଲନ୍ତି ମନ୍ମଥ କାମ ଚିନ୍ତା ପୁଣି କପିତ୍‌ଥ ତରୁ ସଦନ ।୭ ।

ବ୍ରାହ୍ମୀ ଗୁଳୁଚୀ ଆମଳକୀ ସୁକ୍ଷ୍ମେଳା କାଙ୍କୋଲା ଏ ପାଞ୍ଚ ବୃକ୍ଷ ।
ହରୀତକୀ ତରୁଗଣ ଘେନି ସତେ ବୟସ୍ଥା ନାମ ପ୍ରତ୍ୟକ୍ଷ ।୮ ।
ଚିତ୍ରରଥ ବୋଲି ଗନ୍ଧର୍ବେ ଅଛଇ ପ୍ରଭାକର ଚିତ୍ରରଥ ।
ମଧୁପ ପାଦପ ତୃତୀୟ ଆଶ୍ରମ ଜନେ ବୋଲି ବାନପ୍ରସ୍ଥ ।୯ ।

**ଇତି ଥାନ୍ତ ।**

କନ୍ଦ ଅଛି ଆଖୁ ଭେଦେ ମୂର୍ତ୍ତିଭେଦେ କପିଯୂଥରେ ଗଣନା
ଖନ୍ଦ କୃଷ୍ଣାନୁଜେ ଔଷଧିଭେଦରେ ରୋଗ ଶସ୍ତ୍ର ଗଦା ସିନା ।୧ ।
ଛଦ ଦଳ ପକ୍ଷ ଗ୍ରନ୍ଥି ପର୍ଣ୍ଣା କ୍ଷୋଦ ବୋଲାଇ ପେଷଣ ଧୂଳି ।
କର୍ପୂରଧୂଳି ଜଳ ହେମ-କାମ୍ପିଲ ଏ ପାଞ୍ଚକୁ ଚନ୍ଦ୍ର ବୋଲି ।୨ ।
ଇନ୍ଦ୍ର କୂଟଜ ସୁରପତି ରୁଦ୍ର ଯେ ମହାଦେବ ଭୟଙ୍କର ।
ମନ୍ଦ ଅଗ୍ନି ଅଳ୍ପକ ଯେ ମୂଢ଼ଜନ ମନ୍ଦ କାକ ଶନୈଶ୍ଚର ।୩ ।
ସାଦୀ ଶବ୍ଦକୁ କହନ୍ତି ରଥିମାନେ ଅଶ୍ୱାରୋହୀ ହସ୍ତିପକ ।
ପାଦ ଚରଣ କୀରଣ ଶ୍ଳୋକ ଅଙ୍ଗ ତରୁମୂଳ ଯେ ବିବେକ ।୪ ।
ମଦ ବୋଲିକରି ଗର୍ବକୁ ମଦକୁ କୁଞ୍ଜରମଦକୁ ତର୍କ ।
ବନ୍ଦୀ ବୋଲାଇ ବନ୍ଧନ କଲା ଜନ ଆବର ସ୍ତୁତିପାଠକ ।୫ ।
କୁମୁଦ କାର୍ତ୍ତିକମାସ ଦିଗଦନ୍ତୀ କପିଯୂଥପ କୁମୁଦ ।
କେକୀ ମାର୍ଜାର ଛାଗଳ ଏ ତିନିଙ୍କି  ଜନେ ବୋଲି ମେଘନାଦଂ ।୬ ।
ମୁକୁନ୍ଦ ବୋଇଲେ ବୁଝାଏ ବିଷ୍ଣୁଙ୍କୁ ନିଧିକି ରତ୍ନଭେଦରେ
ଶରଦ ଶବ୍ଦ ପ୍ରବର୍ତ୍ତି ଦେବ ଜଳ ବର୍ଷାନ୍ତ ଋତୁ ବତ୍ସରେ ।୭ ।
ଶାରଦ ବୋଲି ସପ୍ତପର୍ଣ୍ଣା ତରୁକୁ ତୋୟ ପିପ୍ପଳୀକି ଘେନି ।
ଷଡ୍‌ବିନ୍ଦୁ ବୋଲି କୀଟଭେଦେ ଷଡ଼ବିନ୍ଦୁ ବୋଲି ଗୋବିନ୍ଦକୁ ମାନି । ୮ ।
ଅଷ୍ଟାପଦ ନାମ ବହଇ ଫଳକ ଶରଭ ଶକଟ ହେମ ।
କୁଲ୍ୟା ସମସ୍ତ ରତ୍ନଭେଦେ ଅଛି ଯେ କୁରୁବିନ୍ଦ ହୋଇ ନାମ ।୯ ।
ଜନପଦ ବୋଲି ଜନପଦକୁ ଯେ ଜନପଦ ଜନଦେଶ ।
ତମନୁଦ ଶବ୍ଦ ଚନ୍ଦ୍ର ଦିବାକର ଦିହୁଡ଼ିଠାରେ ପ୍ରକାଶ ।୧୦ ।

ମୁଚୁକୁନ୍ଦ ବୃକ୍ଷଭେଦେ ମାନଧାତା ତନୟେ ଅଛନ୍ତି କହି ।
ମେଘନାଦ କେକୀ ରାବଣନନ୍ଦନ ବରୁଣ ପୁଣି ବୋଲାଇ ।୧୧ ।
ବିଷ୍ଣୁପଦ ବୋଲି କ୍ଷୀରୋଦେ ଆକାଶେ ବିଷ୍ଣୁପଦ ଗଙ୍ଗାନୀରେ ।
ଶଶବିନ୍ଦୁ ବିଧୁ ବାସୁଦେବ ଶଶବିନ୍ଦୁ ଅଛି ନୃସାନ୍ତରେ ।୧୨ ।
ଶତହ୍ରଦା ନାମ ବହେ ସୌଦାମିନୀ ପୁଣି ଶତହ୍ରଦା ପବି ।
ବୋଲେ ଶତାନନ୍ଦ ଗୌତମପୁତ୍ରକୁ ଦେବକୀସୁତକୁ କବି ।୧୩ ।

**ଇତି ଦାନ୍ତ ।**

ବୁଧ ପଣ୍ଡିତ ଲବ୍ଧକର୍ଣ୍ଣ ଅଭିନ ବୁଧ ଚନ୍ଦ୍ରସୁତ ଗ୍ରହ ।
ମଧୁ ପୁଷ୍ପରସ ମଧୁ ଗୁଡ଼ଦ୍ରୁମ ବସନ୍ତଋତୁକୁ କହ ।୧ ।
ପୁଣ ମଧୁ ହୋଇ ଦୈତ୍ୟେକ ଅଛଇ ମଧୁ କ୍ଷୌଦ୍ର ଚୈତ୍ରମାସ ।
ବିଧୂ ଘନସାର ସୁଧାକିରଣକୁ ଚନ୍ଦ୍ର ବିଧୁ ପିତବାସ ।୨ ।
ବନ୍ଧ ବୋଲାଇ ବନ୍ଧୁକ ବନ୍ଧୁ ମିତ୍ର ବାନ୍ଧବ ବୋଲାଇ ବନ୍ଧ ।
ବମଥୁ ଭେଦ ସମୁଦ୍ରେ ନଦୀ ଭେଦ ଏତେକ ବୋଲାଇ ସିନ୍ଧୁ ।୩ ।
ବିଧି ବୋଲି ନିଅନ୍ତାକୁ ବିଧାନକୁ ପରମେଷ୍ଠି କି ଆହୁରି ।
ରାଧାବିନ୍ଦୁ ମାସ ବର୍ଣ୍ଣେ ଚିତ୍ରଭେଦ ନକ୍ଷତ୍ର ବ୍ରଜସୁନ୍ଦରୀ ।୪ ।
ସାଧୁ ସଜ୍ଜନ ଶୋଭନ ସିଦ୍ଧୌଷଧି ଯୋଗଭେଦ ଦେବଯୋନି ।
ସ୍ନିଗ୍ଧ ସ୍ନେହଯୁକ୍ତ ଚିକ୍କଣ ସ୍କନ୍ଦ ଯେ ନାୟକ ଶାଖା ସେନାନୀ ।୫ ।
ସୁଧା ଅମୃତ ଚୂର୍ଣ୍ଣ ସନ୍ଧି ସୁଭଗ ଭଗ ପୁଣି ସୁଘଟନା ।
ଲବ୍ଧ ଲାଳସ ବ୍ୟାଧ ନାମ ପୁଷ୍ପ ଯେ ମୂର୍ତ୍ତିଶୋଭା ଏ ଗଣନା ।୬ ।
ପରିଧି ନାମ ଯଜ୍ଞୀୟ-ହୋମଶାଖା ଉପସୂର୍ଯ୍ୟକେ ପ୍ରବୃତ୍ତ ।
ମାଗଧ ଯେ ଭାଟ ବୈଶ୍ୟ କ୍ଷତ୍ରିବର ମାଗଧି ଉଷଣା ଯୂଥି ।୭ ।
କବନ୍ଧ ଯେ ଅପମୂର୍ଦ୍ଧ କଳେବର ଚକ୍ଷାନ୍ତର ବହୁଜଳ ।
ନିଷେଧ କଠିନ ନିଷେଧ ଦେଶକେ ପୁଣି ଯେ ଏକ ଶଇଳ ।୮ ।

ସୁଗନ୍ଧ ବୋଲାଇ ବାଲୁକା ବୃକ୍ଷ ଯେ ଇଷ୍ଟଗନ୍ଧ ଯେ ସୁଗନ୍ଧ ।
ଯୋଜନଗନ୍ଧା ପଦ ସୀତା କସ୍ତୁରୀ ବ୍ୟାସମାତାଠାରେ ସିଦ୍ଧି ।୯ ।

**ଇତି ଧାନ୍ତ ।**

ଘ**ନ** ଯେ କାଂସ୍ୟତାଳାଦି ବ୍ୟଗ୍ର ଦୃଢ ଜଳଦ ମୁକ୍ତା ମୁଦଗର ।
ଜ୍ୟୋସ୍ନା ଚନ୍ଦ୍ରାତପ ମୁକ୍ତି ନିଶି ପଟୋଳିକାକୁ ବୋଲନ୍ତି ନର ।୧ ।
ତନୁ ଅଳପ ବିରହ ଯେ କୃଶାନୁ ଭାନୁ କିରଣ ମିହିର ।
ଦାନ ଗଜମଦ ଯାଗପାଳନ ଯେ ଦାନ କାମ ଛେଦନର ।୨ ।
ଧନୁ ଗମ୍ଭାରୀ ରାଶିଭେଦ କୋଦଣ୍ଡ ଗୋଧନ ବିତ୍ତ ଏ ଧନ ।
ମାନ ଅଭିମାନ ନୃତ୍ୟଶେଷେ କୋଷ ରାଶିଭେଦ ମତ୍ସ୍ୟ ମୀନ ।୩ ।
ମୁନି ଅଗସ୍ତି ପିଆଳ କିଂଶୁକ ଯେ ଇଙ୍ଗୁଦୀ ବୁଧ ଯଯାତି ।
ଯୋନି ଆକାର ସ୍ମରପୁର ଦୀନ ଯେ ଦିବସ ଦୁଃଖୀ ବୋଲାନ୍ତି ।୪ ।
ରତ୍ନ ଜାତିଶ୍ରେଷ୍ଠ ମଣି ଲଗ୍ନ ରାଶି ଉଦୟ ଲକ୍ଷିତ ଶକ୍ତ ।
ବନ ନୀର ଗୃହ ଅରଣ୍ୟ ବୋଲାଇ ସାନୁ ଯେ ଅରଣ୍ୟପ୍ରସ୍ଥ ।୫ ।
ସ୍ୱପ୍ନ ପ୍ରସୁପ୍ତ ବିଜ୍ଞାନ ଦର୍ଶନ ଯେ ଶ୍ୱନପତି ଯେ ପାଣ୍ଡବି ।
ହନୁ ହଟ ବିଳାସିନୀ ଗଣ୍ଡଭାଗ ସୁନ୍ ପୁତ୍ରାନକ ରବି ।୬ ।
ଅଞ୍ଜନ ବୋଲାଇ ରସାଞ୍ଜନ ଦିଗଦନ୍ତୀ କଜ୍ଜ୍ୱଳ ସୋଦର ।
ଅର୍ଜ୍ଜୁନ ଧବଳ ପାର୍ଥ କାର୍ତ୍ତବୀର୍ଯ୍ୟ ବୀରତୁର ଯେ ମୟୂର ।୭ ।
ଅର୍ଶୋଘ୍ନ ନାମ ତାଳମୂଳି ଲଶୁନ ନିର୍ମଳ ତାଳ ଅମ୍ଳାନ ।
ଅଶନ୍ତି ଚଞ୍ଚଳା ବଜ୍ର ଗଜସ୍କନ୍ଧ ପୀଠ ଏ ବେନି ଆସନ ।୮ ।
ଉଦ୍ୟାନ ବନପ୍ରଭେଦ ପ୍ରୟୋଜନ ନିଃସରଣ ଭୁଜଙ୍ଗମ ।
ବାୟୁଭେଦରେ ଭଗତେ ଦୟାବନ୍ତେ ଉଦ୍ଧାନ ବୋଲି ଘେନିମ ।୯ ।
କମନ ବୋଲନ୍ତି କାମୁକ କମ ଯେ ଅଶୋକପାଦପ ଧାତା ।
କାନନ ବୋଲି ବିପିନ ଗୃହ ବିଧୁ ବଦନ ହୋଏ ଗଣିତା ।୨୦ ।
କାଞ୍ଚନ ସୁନାରୀ ଚମ୍ପ ନାଗେଶ୍ୱର ହରିଦ୍ରା ଯେ ଉଦୁମ୍ବର ।
କେଶର ଧସ୍ତୁର କନକ କାଞ୍ଚନ କାଞ୍ଚନ ଶବଦେ ଧର ।୧୧ ।

କେତକ ଗୃହନିମନ୍ତ ପତାକା ଯେ ଦାମନୀ ଭୀରୁ ବଲ୍ଲରୀ ।
ଖଞ୍ଜନ ବୋଲି ସର୍ପେ ଖଞ୍ଜରୀଟରେ ଜୀବନ ଯେ ପ୍ରାଣ ବାରି ।୧୨ ।
ଖଡ୍ଗୀନ ବୋଲାଇ ଗଣ୍ଡକ ଖଡ୍ଗୀନ ବୋଲି ଖଡ୍‌ଗଧର ଘେନି
ଜଘନ ବୋଲାଇ ଶ୍ରୋଣିପୁରଭାଗ ଜଘନ ଦୈବଜ୍ଞ ଜ୍ଞାନୀ ।୧୩ ।
ତମୋଘ୍ନ ସୂର୍ଯ୍ୟ ବହ୍ନି ଇନ୍ଦୁ ଶଙ୍କର ବିଷ୍ଣୁ ବୁଧ ଅଭିଧାନ ।
ଦର୍ଶନ ନୟନ ସ୍ୱପ୍ନ ବୁଧ ଧର୍ମ ଉପଲବ୍ଧ ଯେ ଦର୍ପଣ ।୧୪ ।
ଦଶନ ଶିଖର ଦନ୍ତ ବୋଲାଇ ଯେ ଦଶନ ଯେ ଲତାବର ।
ନନ୍ଦନ ବାସବଉଦ୍ୟାନ ନନ୍ଦନ ନାମ ହର୍ଷକ କୁମର ।୧୫ ।
ନଳିନୀ ପଦ୍ମିନୀ ସ୍ତିରୀ ପଦଲତା ନଦୀ ସିନ୍ଧୁ ସରୋବର ।
ପତନ ଦାରୁଣ ରଣ କୁମ୍ଭକାର ପାକସ୍ଥାନ ଯେ ସମୀର ।୧୬ ।
ପଦ୍ମିନୀ ପଦ୍ମଲତା ନାରୀ ନନ୍ଦନ ମଳୟଜ କପିସାର ।
ପୂତନା ଅସୁରୀ ହରୀତକୀ ରୋଗ ପ୍ରଭେଦ ସେନାମାତର ।୧୭ ।
ପ୍ରସୂନ ସନ୍ତୁଷ୍ଟ ସୁର ପ୍ରସୂନ ଯେ ପ୍ରସବ ଯେ ପୁଷ୍ପ ଫଳ ।
ଭୋଗିନୀ ସର୍ପିଣୀ ନୃପସ୍ତ୍ରୀ ଭୁବନ ଗହନ ଜଗତ ଜନ ।୧୮ ।
ମଦନ କାମ ଚୁତଦ୍ରୁମ ଧସ୍ତୁର ସିକକ ଯେ ପଞ୍ଚବାସ ।
ମାଳିନୀ ମାତୃକା ମାଳାକାର ନାରୀ ନଦୀଭେଦରେ ପ୍ରକାଶ ।୧୯ ।
ଯବନ କହି ଯବନେ ଯମେ ଦେଶଭେଦେ ବନ୍ଧନ ଏ ସତ ।
ରଜନୀ ରାତ୍ର ହରିଦ୍ରା ଯେ ନଳିନୀ ଜତୁକାରେ ପୁନ ଉକ୍ତ ।୨୦ ।
ମିଥୁନ ଯେ ଯୁଗ୍ମ ରାଶି ଭେଦ ରକ୍ତଚନ୍ଦନ ରମ୍ୟରଞ୍ଜନ ।
ସୁମନା କହି ପୁଷ୍ପକୁ ମାଳତୀକି ଆଧାରେ ଦେବରେ ଘେନ ।୨୧ ।
ଲଳନା ଯାମିନୀ ନାଡ଼ିଭେଦେ ଅଛି ଲଳନା ଯୁବତୀବର ।
ବାମନ ଖର୍ବ ଦିଗଦନ୍ତିଭେଦରେ ବାମନ ନୀଚ ପାମର ।୨୨ ।
ବିମାନ ବୋଲନ୍ତି ଚକ୍ରବର୍ତ୍ତିପୁର ବିମାନ ଯେ ବ୍ୟୋମଯାନ ।
ଯଜ୍ଞଉଲୋଚ ବିସ୍ତାର ଛଦଭେଦ ଲୋକେ କହନ୍ତି ବିତାନ ।୨୩ ।
ଶମନ ଶାନ୍ତି ଧବ ଯମ ଶକୁନି କୁରୁମନ୍ତ୍ରି ବିହଙ୍ଗମ ।
ଶ୍ୱସନ ଶ୍ୱାସ ମାରୁତକୁ ବୋଲନ୍ତି ଶ୍ୱସନ ମଦନ ଦ୍ରୁମ ।୨୪ ।

ଶୟନ ସୁରତ ନିଦ୍ରା ଶଯ୍ୟା ତିନି ଶକୁନ ପକ୍ଷୀ ଶକୁନ ।
ଶଙ୍ଖିନୀ ଶ୍ୱେତ ଚୂତ ବଧୂପ୍ରଭେଦ ଚୌର ପୁଷ୍ପ ସିନ୍ଧୁ ଘେନ ।୨୫ ।
ଶୋଭନ ସୁନ୍ଦର ଯୋଗଭେଦ ଅଛି ସଦନ ଜନମନ୍ଦିର ।
ବୃଜିନ କଳୁଷ କୁଟିଳ କୁନ୍ତଳ ବେଦନାକୁ ବୋଲେ ନର ।୨୬ ।
ଅବଲଗ୍ନ ମଧ୍ୟଲଗ୍ନ କୁଚନ୍ଦନ ପତ୍ରାଙ୍ଗ ରକ୍ତଚନ୍ଦନ ।
କାତ୍ୟାୟନୀ ଉମା ବିଧବା ଯେ ଯୋଷା ମୁନି କାନ୍ତି କାତ୍ୟାୟନ ।୨୭ ।
କୁମ୍ଭଯୋନୀ ଦ୍ରୋଣ ବଶିଷ୍ଠ ଅଗସ୍ତ୍ୟ ଘନାଘନ ମେଘ ଗଜ ।
ନିଧୁବନ କମ୍ପ ରତି ଚିତ୍ରଭାନୁ ବୋଲାନ୍ତି ଅନଳ ସୂର୍ଯ୍ୟ ।୨୮ ।
ପ୍ରତି ଯତ୍ନ ଶବ୍ଦ ସଂସ୍କାର ଲାଳସ ଗ୍ରହଣରେ ଯେ ପ୍ରକାଶି ।
ପୟସ୍ୱିନୀ ଧେନୁ ନିଶା ନଦୀ ତପସ୍ୱିନୀ ଋଷି ଜଟାମରିସୀ ।୨୯ ।
ପୁଣ୍ୟଜନ ଯକ୍ଷ ରାକ୍ଷସ ସଜ୍ଜନ ମଦୟନ୍ତୁ କାମମଦ ।
ଘୋଷୟିତ୍ନୁ ବିପ୍ର ପିକ ଗଦୟିତ୍ନୁ କାମୁକ କୃଷ୍ଣ ଆତ୍ମଜ ।୩୦ ।
ଶିଖଣ୍ଡିନୀ ବୋଲି ପୃଥ୍ୱୀକାଲତାକୁ କୁଞ୍ଜପୁଞ୍ଜେ ମୟୂରୀକି ।
ଶିଖଣ୍ଡିନ ପୁଣି କଳଅଇସାରୀ ଶିଖଣ୍ଡିନ ପୁଣ କେକୀ ।୩୧ ।
ସଂଯମନୀ ଯମନଗରୀ ସଂଯମ ବନ୍ଧନ ବ୍ରତକୁ ବୋଲି ।
ସରୋଜିନୀ ପଦ୍ମାକର ପଦ୍ମଲତା ସରୋଜିନୀ କରବାଳୀ ।୩୨ ।
ଅଗ୍ନି ଇନ୍ଦ୍ର ସୂର୍ଯ୍ୟ ପ୍ରହ୍ଲାଦ କୁମର ବୋଲାନ୍ତି ଏ ବିରୋଚନ ।
ମେରୁ ଜମ୍ବୁଦ୍ରୁମ ହରିଚକ୍ର ଶକ୍ରପୁତ୍ର ନାମ ସୁଦଶନ ।୩୩ ।

**ଇତି ନାନ୍ତ ।**

ରୂପ ସ୍ୱଭାବ ସୌନ୍ଦର୍ଯ୍ୟ ଯେ ଶୁକ ନାଟକାଦି ଶବ୍ଦାଳଙ୍କାର ।
କଳ୍ପ ନିଧି ନ୍ୟାୟଶାସ୍ତ୍ର ଯେ ସଂବର୍ତ୍ତ ପୁଣି ଯେ ବ୍ରହ୍ମାବାସର ।୧ ।
କପି ଶିଳ୍ପିକା ଶଖାମୃଗ କେଶବ ଗୋପ ଗୋପାଳ ରାଜନ ।
ତପ ଜ୍ଞେୟ କେଶ ସନ୍ତାପ ଗ୍ରୀଷମ ରୋଗ ରୋପଣ ଯେ ବାଣ ।୨ ।

ତପା ଯେ ଲଜ୍ଜା କୁଳଟା ଅମ୍ବୁଗର୍ଭ କୂପ ପୁଣି ଗୁଣବୃକ୍ଷ ।
ବାଷ୍ପ ଭଷ୍ମ ଅଶ୍ରୁ ପୁଷ୍ପ ଯେ ଆର୍ତ୍ତବ ବିକାଶ ପୁଷ୍ପ ପ୍ରତ୍ୟକ୍ଷ ।୩ ।
ଆବାପ ପରୀକ୍ଷେ ଆଲବାଳ ବୋଲି ଉଡ଼ୁପ ଚନ୍ଦ୍ର ତରଣି ।
କଚ୍ଛପୀ ବଲ୍ଲକୀ ଭେଦ ପାଦାନ୍ତି ଯେ କଚ୍ଛପୀ ତୂଳ ପ୍ରମାଣି ।୪ ।
କଳାପ ସମୂହ କେକୀପୁଚ୍ଛ କାଞ୍ଚୀ ଭୂଷଣ ପୁଣି ତୁଣୀର ।
ବିଟପ ବିଟସ୍ତମ୍ଭ ଶାଖା ବିସ୍ତାର ପଲ୍ଲବ ଯେ ନାରିକେଳ ।୫ ।
ରକ୍ତପା ଜଳୌକା ଡାକିନୀ ରାକ୍ଷସ କୁଣପ ଦୁର୍ଗନ୍ଧ ଶବ ।
ଜିହ୍ୱାପ କୁକ୍କୁର ମାର୍ଜାର ପ୍ରତାପ ତାପ ତେଜକୁ ଘେନିବ ।୬ ।
ବହୁରୂପ ଶିବ ବିଷ୍ଣୁ ମନସିଜ ସରଟ ଯେ ନୃତ୍ୟକାର ।
ହେମପୁଷ୍ପ ଜବା ଅଶୋକ ଯେ ମେଘପୁଷ୍ପ ବିଷ୍ଣୁ ହୟ ନୀର ।୭ ।

**ଇତି ପାନ୍ତ ।**

ଗୁମ୍ଫ ବାହୁ ଅଳଙ୍କାର ରେଫ କହି ରକ୍ତବର୍ଣ୍ଣ ଯେ କି ସ୍ୱିତେ ।
ଶେଫ ତରୁମଳ ଖୁର ଶିଫାରେ ଯେ ସ୍କନ୍ଧ ନାସିକା ସହିତେ ।୧ ।

**ଇତି ଫାନ୍ତ ।**

କମ୍ବୁ ଶମ୍ବୁକ ଶଙ୍ଖ ଗଜ ବଳୟ ଖର୍ବ ସଂଖ୍ୟକ ବାମନ ।
ବିମ୍ବ ପ୍ରତିବିମ୍ବ ମଣ୍ଡଳ ବିମ୍ବିକାଫଳ କୃକଳାସ ଘେନ ।୧ ।
କଦମ୍ବ ନୀପ ସମୂହକୁ ସିଦ୍ଧାର୍ଥ କଳମ୍ବ ଯେ ନୀପସାର ।
ପ୍ରଲମ୍ବ ପ୍ରଲମ୍ବନ ହାର ପ୍ରଭେଦ କୁଚ ଅଙ୍କୁର ଅମ୍ବର ।୨ ।
ହେରମ୍ବ ଗଣେଶ ମହେଶ ପର୍ବତ କାଦମ୍ବ ସରଟ ହଂସ ।
ଗନ୍ଧର୍ବ ମୃଗ କୋକିଳ ତୁରଙ୍ଗମ ଖେଚର ଗାୟକବଂଶ ।୩ ।
ନିତମ୍ବ ସ୍ତ୍ରୀକଟୀ ପଛଭାଗ ରୋଧ ସାନୁରେ ପ୍ରଖ୍ୟାତ ପୁଣି ।
ଦ୍ୱିଜିହ୍ୱ ନାମକୁ ଉରଗେ ବହନ୍ତି ଦ୍ୱିଜିହ୍ୱ ଖଳକୁ ଗଣି ।୪ ।

**ଇତି ବାନ୍ତ ।**

କୁମ୍ଭ ଅଛି ଅସ୍ଥି ମୂର୍ଦ୍ଧାଙ୍କେ ରାଶିରେ କୁମ୍ଭ କୁମ୍ଭକର୍ଣ୍ଣ ସତ ।
କୁମ୍ଭ କାମୁକ ବାରନାରୀ ମୁଖ ଯେ କୁମ୍ଭ ଗୁଗ୍‌ଗୁଳରେ ଉକ୍ତ ।୧ ।
ଜୃମ୍ଭ ଇନ୍ଦ୍ର ଶତ୍ରୁ ଦନ୍ତ ଜମ୍ଭୀର ଯେ ଜୃମ୍ଭ ପ୍ରକାଶ ଜୃମ୍ଭଣ ।
ଦମ୍ଭ କୈତବ କଳ୍ପଦ୍ରୁମ କୁଳିଶ ସର୍ପକୁ ମିଶାଇ ଗଣ ।୨ ।
ସ୍ତମ୍ଭ ଜଡ଼ ତୃଣ ପ୍ରଭୁ ବ୍ରହ୍ମା ହରି ଶମ୍ଭୁ ବିଧି ମହେଶ୍ୱର ।
ରମ୍ଭା କଦଳୀ ଅପସରା ସଭା ଯେ ଜନଗୋଷ୍ଠୀ ଦୃଢ଼ାଗାର ।୩ ।
ନାଭି ମୃଗ ନୃପ ଚକ୍ରୀ ମଧ୍ୟ ଏକ ଅଙ୍ଗ କସ୍ତୁରୀ କାମୁକ ।
ଶୁଭଯୋଗ ଯୋଷା ବିଭୁ ବୋଲି ପ୍ରଭୁ ମହାଦେବଙ୍କୁ ଯେ ତର୍କ ।୪ ।
କକୁଭ ଅର୍ଜନ ଦ୍ରୁମ ବୀଣାଅଙ୍ଗ କକୁଭ ବୋଲାଇ ଦିଶ ।
ଦୁର୍ଲ୍ଲଭ ଦୁଷ୍ପ୍ରାପ୍ୟ କଚ୍ଛୁରପାଦପ ଦୁନ୍ଦୁଭୀ ବାଦ୍ୟ ରାକ୍ଷସ ।୫ ।
ବଲ୍ଲଭ ଦୟିତ କୁଳୀନ ଅଶ୍ୱ ଯେ ନିକୁମ୍ଭ ଦନ୍ତିକା ଦୈତ୍ୟ ।
ବିଶ୍ରମ୍ଭ ବୋଲିଣ କେଳି କଳହରେ ବିଶ୍ୱାସେ ପ୍ରଣୟେ ଉକ୍ତ ।୬ ।
ସୁରଭୀ ସଲ୍ଲକୀ ମାତୃକ ଚମ୍ପକ ବସନ୍ତ ଯେ ଜାତିଫଳ ।
ସୁରଭି ବୋଲାଇ ସୁଗନ୍ଧ ସୁବର୍ଣ୍ଣ ଶର ଧନୁ ଗନ୍ଧୋତ୍‌ଥଳ ।୭ ।

**ଇତି ଭାନ୍ତ ।**

ମା। ଲକ୍ଷ୍ମୀ ଆକାଶ ଉମା ହରପ୍ରିୟା ରମା ହରିଦ୍ରା ଅତସୀ ।
ଉର୍ମି ବୋଲି ଭଙ୍ଗ ଉତ୍କଣ୍ଠା ପୀଡ଼ାକୁ ସଙ୍କୋଚ ପୀଡ଼ାରେ ଭାବି ।୧ ।
କ୍ଷମା ଅବନୀ ତିତିକ୍ଷା ମୋକ୍ଷ ବଳ ବସନ କୌଷେୟ ବାସ ।
ଗୁଲ୍ମ ସ୍ତମ୍ଭ ତରୁ ପ୍ଳୀହା ସୈନ୍ୟ ଘର୍ମ ଗ୍ରୀଷ୍ମ ସ୍ୱେଦ ରଶ୍ମି ଭାଷ । ୨ ।
ଦ୍ରୁମ ପାରିଜାତ ଦ୍ରୁମ ମହୀରୁହ ଦ୍ରୁମ କିଂପୁରୁଷେଶ୍ୱର ।
ଧର୍ମ ସୋମ ଚନ୍ଦ୍ର ଅହିଂସା ସବିତା କ୍ରତୁ ଯେ ପୁଣ୍ୟ ଆଚାର ।୩ ।
ପଦ୍ମ କମଳ ନିଧିଭେଦ ସଂଖ୍ୟା ଯେ ହସ୍ତୀ ମଦବିନ୍ଦୁ ହୋଇ ।
କୁଳୀଶ ବୃକ୍ଷ ଚକ୍ରାନ୍ତେ ଯେ ଗର୍ଭକ କୈତବକୁ ନେମି କହି ।୪ ।

ବ୍ରାହ୍ମୀ ବଚନ ସୋମବଲ୍ଲୀ ଶାରଦା ବ୍ରାହ୍ମୀ ପଞ୍ଜିକା ଯେ ଝାସ ।
ଭ୍ରମ ହେମଅଙ୍ଗ ଭ୍ରମଣ ବିଭ୍ରମ ଭ୍ରମ କୁନ୍ଦ ସୁମନସ ।୫ ।
ଭୀମ ଦ୍ୱିତୀୟପାଣ୍ଡବ ମହାଦେବ ଭୀଷଣ ଅମ୍ଳବେତସ ।
ଭୀଷ୍ମ ଦେବବ୍ରତ ଭୟଙ୍କର ଜମ ଗ୍ରହରେ ସ ଯମେ ଭାଷ ।୬ ।
ଯମ କାମ ଶନି କୃତାନ୍ତ ଯମକ ରଶ୍ମି ଗ୍ରହଣ କିରଣ ।
ରାମା ନାରୀ ହେଙ୍ଗୁ ରମା କାନ୍ତ ରକ୍ତ ହର ଦିଶ ପୁଣି ଶୋଣ ।୭ ।
ରାମ ରାଘବ ବରୁଣ ପଶୁ ଧର ମୃଗଭେଦ ହଳାୟୁଧ ।
ରାମ ଶୋଭନୀୟ ବାସ୍ତୁକ କୁଷ୍ଠରେ ରାମ ଶବଦ ପ୍ରସିଦ୍ଧ ।୮ ।
ଶ୍ୟାମ ବଟ ବୃଦ୍ଧତାରକ ବାରିଦ ପିକ ପୀତ କାଳବର୍ଣ୍ଣ ।
ଶ୍ୟାମ ଯେ ଯମୁନା ରଜନୀ ଅଙ୍ଗନା ଶଚୀ ସିନ୍ଧୁ ଯେ ଲବଣ ।୯ ।
ଶ୍ୟାମ ସାର ହୁଏ ଔଷଧି ପ୍ରିୟଙ୍ଗୁକଳିକା ହୃସୂତ୍ରବୃତା ।
ସୋମ ଚନ୍ଦ୍ର ନୀର ବାତ ପିତୃଦେବ ବଂଶଭେଦେ ସୋମଲତା ।୧୦ ।
ସୋମ ବାନର କୁବେର ଘନସାର ସୂକ୍ଷ୍ମ କେତକ ସୁବାସ ।
ହିମ ତୁଷାର ଶୀତଳ ସୀସା ଘାଟ ସ୍ଥିତି କ୍ଷେତ୍ର ଅଣ୍ଡକୋଷ ।୧୧ ।
କୁସୁମ ନେତ୍ରରୋଗ ଫଳ ପୁଷ୍ପ ଯେ କୁସୁମ କାଳ ସ୍ତ୍ରୀରଜ ।
କୃତ୍ରିମ ଲବଣ ଭେଦରେ କୃତ୍ରିମ ନାମରେ ରୁଚି ଦେହଜ ।୧୨ ।
କୁଟ୍ରିମ କଚ୍ଛିମ ତଳ୍ପ କରବାଳ ତିଳିମ ପୁଣି ବିତାନ ।
ନିଗମ ବୋଲି ମନ୍ତ୍ରଣାକୁ ବେଦକୁ ଅଗମ୍ୟ ବୈଶ୍ୟସଦନ ।୧୩ ।
ମଧ୍ୟମ ମଧ୍ୟଜ ସ୍ୱର ମଧୁଦେଶ ଅବଲଗ୍ନ ଯେ ଅଙ୍ଗୁଳୀ ।
ପ୍ରବଳ ପଲ୍ଲବ ବିଦ୍ରୁମ ପଞ୍ଚମସ୍ୱର ରାଗଭେଦେ ଭାଳି ।୧୪ ।
ବିଲୋମ ପ୍ରତିଲୋମ ଯେ ଭୁଜଙ୍ଗମ ବିଲୋମ ବରୁଣ ଶ୍ୱାନ ।
ଅନୁପମା ଅତି ଉତ୍ତମା ଯେ ଦିଗବରିଣୀ ଭେଦରେ ଘେନ ।୧୫ ।
ସାର୍ବଭୌମ ଦିଗଦନ୍ତୀ ଚକ୍ରବର୍ତ୍ତୀ ପ୍ଲବଙ୍ଗମ କିସ୍ତି ଭେକି ।
ମହାପଦ୍ମ ନାଗନିଧି ଦଣ୍ଡ ଯାମ ଦିବସ ପୁଣି ଅନ୍ତକ୍ ।୧୬ ।

**ଇତି ମାନ୍ତ ।**

ଅର୍ଯ୍ୟ ବୈଶ୍ୟ ଶିଳାଜତୁ ଅଲ୍ପକ୍ଷୟ କଳ୍ପ ବେଶ୍ମ ତାପଚୟ ।
ଗୁହ୍ୟକ ପଟ କୁମ୍ଭ ଗୁହ୍ୟ ସୁପଥ ରହ ଯେ ଗ୍ରନ୍ଥ ନାମୀୟ ।୧ ।
ପ୍ରିୟ ହୃଦୟ ଶରୀର ପ୍ରାଣେଶ୍ୱର ପୂଜ୍ୟ ପୂଜିତ ଶ୍ୱଶୁର ।
ବୀର୍ଯ୍ୟ ସାମର୍ଥ୍ୟ ପ୍ରଭାବ ତେଜ ଶୁକ୍ର ସୂର୍ଯ୍ୟ ଅର୍କପର୍ଣ୍ଣୀ ସୁର ।୨ ।
ମୟଦୈତ୍ୟ ଶଳ୍ପୀ ଅଶାନ୍ତିରେ କହି ମୟ ତୁରଙ୍ଗନିକର ।
ସାୟଂ ଦିନାନ୍ତ ବିଶିଖ ହାର୍ଯ୍ୟ ବିଭୀତକ ହରିଣୀ ନେତ୍ରର ।୩ ।
ଅଭୟା ଦୁର୍ଗା ହରିତକୀ ଅଭୟା ଉଶୀର ନିର୍ଭୟ ଜନ ।
ଆତେୟ ପୁଷ୍ପବତୀ ଆତେୟୀ ନଦୀ ପ୍ରଭେଦରେ ଘେନ ।୪ ।
କ୍ଷତ୍ରୀୟ ରୋଗ ବାହୁଜ ପରଦାରଉତା ଚିକିତ୍ସକ ତୃଣ ।
ଗାଙ୍ଗେୟ ଭୀଷ୍ମ ସୁବର୍ଣ୍ଣ ଯେ ଜଟାୟୁ ଗୁଗ୍‌ଗୁଳ ସମ୍ପାତି ସାନ ।୫ ।
ଚାମ୍ପେୟ ବୋଲନ୍ତି ଚମ୍ପକ ସୁବର୍ଣ୍ଣ କିଞ୍ଜକୁ ନାଗକେଶର ।
ପ୍ରଣୟ ବିଶ୍ରମ୍ଭ ପ୍ରେମ ପ୍ରଳୟ ଯେ ମୃତ୍ୟୁ ମୂର୍ଚ୍ଛା କଳ୍ପାନ୍ତର ।୬ ।
ବିଜୟ ଅଜୟ ପାର୍ଥ ତୀର୍ଥଭେଦ ବିନୟ ଶିକ୍ଷା ପ୍ରଶାନ୍ତ ।
ସମୟ ଶପଥ କାଳ ଦ୍ୱିତୀୟାଦି ପତ୍ନୀ ବେନି ତିଥି ଧ୍ୱାନ୍ତ ।୭ ।
ଧନଞ୍ଜୟ ଅଗ୍ନି ପାର୍ଥ ନାଗଭେଦ ଧନଞ୍ଜୟ ଦେହାନିଳ ।
ହିରଣ୍ମୟ ଖଣ୍ଡ ନାମ ହିରଣ୍ମୟ ନାମ ଯେ ସୁରଶ୍ରେଷ୍ଠର ।୮ ।
ରୌହଣେୟ ବୁଧ ହଳା ଫଳୋଦୟ ଲାଭ କ୍ଷେତ୍ରିଦଶାଳୟ ।
ଜଳାଶୟ ବୋଲି ଜଳାଧାରେ କହି ଉଶୀର ଯେ ଜଳାଶୟ ।୯ ।

**ଇତି ଯାନ୍ତ ।**

ର ବୋଲି ଅଗ୍ନି କି ତୀକ୍ଷ୍ଣକୁ ରା ବୋଲି ସ୍ୱର୍ଣ୍ଣକୁ ବିତ୍ତକୁ ସତେ ।
ଶ୍ରୀଲକ୍ଷ୍ମୀ ସମ୍ପତ୍ତି ଭାରତୀ କେଶବ ରବି ଶୋଭା ବେଶକୃତେ ।୧ ।
ଅରି ଚକ୍ର ଶତ ଅରି ଚକ୍ରାଙ୍ଗେ ଯେ ସତୁରେ ପ୍ରବର୍ତ୍ତି ଅଛି ।
କର କରକା କିରଣ ଭାଗଧେୟ ହସ୍ତରେ ହୋଇ ଅଛି ।୨ ।

କାରୁ ଶୀଲ୍ପୀ ବିଶ୍ୱକର୍ମା ଶବ୍ଦ ଦେବ ମୃଗ ଯେ ମାୟାକାରକ ।
କୀର ଶୁକକ୍ଷୁଦ୍ର ଅଧମ ଯେ କ୍ରୂର କୃପଣ ଅଳ୍ପ ନାସ୍ତିକ ।୩ ।
କ୍ଷୀର ଦୁଗ୍ଧ ନୀର କ୍ଷାର ରସାନ୍ତର ଭସ୍ମ କାର ଯେ ଲବଣ ।
ଖର ଗର୍ଦ୍ଦଭ ତୀକ୍ଷ୍ଣ ଖୁର ଯେ କୁଳଦଳ ସର୍ପ ବୋଲି ଜାଣ ।୪ ।
କ୍ଷୁର ବୋଲନ୍ତି ଯେ ଛେଦନ ଦ୍ରବ୍ୟକୁ କୋକିଳାକ୍ଷକୁ ଗୋକ୍ଷୁରେ ।
ଗୌର ବୋଲି ଶ୍ୱେତ ପୀତ ରକ୍ତୋଚନ୍ଦ୍ରେ ବିଶୁଦ୍ଧେ ନାଗକେଶରେ
ଗୌରୀ କନ୍ୟା ଉମା ଗୋରଚନ କ୍ଷିତି ଦରିଦ୍ରା ପ୍ରିୟଙ୍ଗୁ ନିଶି ।
ଚାରୁ ଶୋଭା ବୃହସ୍ପତି ବିଶ୍ୱକର୍ମା କୁତ୍ସିତ ଶିଳ୍ପିକି ଭାଷି ।୬ ।
ଗୁରୁ ପିତୃଜନ ଦୁର୍ବହ ଯେ ଗୁରୁ ଦୀକ୍ଷାଦାତା ସ୍ମରାଚାର୍ଯ୍ୟ ।
ତାର ବୋଲି  ବିଶୁଦ୍ଧକୁ ମୁକୁତାକୁ ଦାନବ ଦୀପ୍ତିକି ତେଜ ।୭ ।
ତାରା ଅକ୍ଷିମଧ୍ୟ ନକ୍ଷତ୍ର ଗୀଷ୍ପତି ବାଳିଭାର୍ଯ୍ୟା ମନୋହରୀ ।
ପୁର ପାଟଳୀ ଗୁଗ୍‌ଗୁଳ ଜାଳାବର୍ତ୍ତ ଦେହ ସଦନ ନଗରୀ ।୮ ।
ବର ଜାମାତା ଦେବକୃପା ବଲ୍ଲଭ ଶ୍ରେଷ୍ଠ ଯେ ଶିଙ୍ଗ କୁଙ୍କୁମ ।
ବାରି ବୋଲି ଗଜବନ୍ଧନି ବାଲୁଙ୍କା ଜଳକୁ ଜନେ ଘେନିମ ।୯ ।
ସର ଶୁଦ୍ରବାର୍ତ୍ତା ନୀର ଶର ଜାଣ ସରୋବରକୁ ସଲିଳ ।
ସାର ସ୍ଥିରାଂଶ ଉତ୍ତମ ବଳଶିର ଅଙ୍କ ଯେ ମସ୍ତକ ହଳ । ୧୦ ।
ସ୍ଥରା ଭୂମି ଶାଳପର୍ଣ୍ଣୀ ମେକ୍ଷହାର ଯୁଧି ମୁକ୍ତାମୟମାଳୀ ।
ସ୍ୱରୁ ପୂଗ ଖଣ୍ଡ କୁଳିଶ ସ୍ଫାର ଯେ ବିକଟେ କୁକୁଦେ ବୋଲି । ୧୧ ।
ହରି ଚନ୍ଦ୍ର ସୂର୍ଯ୍ୟ ପବନ ମଘବା ବିଷ୍ଣୁ କିରଣ କେଶରୀ ।
ଯମ ମର୍କଟ ମଣ୍ଡୁକ ଶୁକ ଅଛି ଏ ପୁଣି ବୋଲାନ୍ତି ହରି । ୧୨ ।
ଅମର ଦେବତା କାର୍ପାସ ଗୁଳୁଚୀ ସ୍ଥୁଣା ଦୁର୍ବା ଇନ୍ଦ୍ରପୁର ।
ଅଧର ଓଷ୍ଠ ହୀନ ଅଧିବସ୍ତୁ ଯେ ଶୁକ୍ର କ୍ରତୁ ଅଧ୍ୟାହାର । ୧୩ ।
ଅମର ବୋଲାଇ ଆକାଶ ବସନ ଅମର ସୁଗନ୍ଧାନ୍ତର ।
ଅଙ୍ଗାର ପ୍ରପଞ୍ଚ ସନ୍ତୁଳ ଭୂମିଜ ଲୋମ ବିକାଶ ଅଙ୍କୁର । ୧୪ ।
ଅକ୍ଷର ବିଷ୍ଣୁ ମହାଦେବ ଦେବ ଯେ ଅସୁର ଅଗ୍ନି ଦାନବ ।
ଅଧାର ଅଧିକରଣ ଅଳବାଳ ପରିଖା ପୁଣି ଘେନିବ । ୧୫ ।

ଅସାର ଧାରା ସୁହୃଦ ବେଗେ କହି ଅସୁର ଦୈତ୍ୟ ମିହିର ।
ଈଶ୍ୱର ଶମ୍ଭୁ ସ୍ୱାମୀ ନାଟ୍ୟ ମନ୍ମଥଦାତୃ ମହତ ଉଦାର । ୧୬ ।
ଉତ୍ତର ବିରାଟସୁତ ଦିଗଭେଦେ ଉତ୍ତର ପ୍ରତି ବଚନ ।
କର୍ବୁର ପାପ ଅସୁର ସ୍ୱର୍ଣ୍ଣ ଜଳ ପୁଣି ଦ୍ରାବିଡ଼ ଘେନିମ । ୧୭ ।
କର୍ବୁର ଦୁର୍ଗା ରାତ୍ରି ଶେଷ ବୋଲାଇ ବାରିଦ ଗ୍ରୀବା କନ୍ଧର ।
କରୀର ଘଟ କରବୀର ତରୁ ଯେ କରୀର ବଂଶ ଅଙ୍କୁର । ୧୮ ।
କବରୀ କେଶବେଶ ଶମ୍ଭୁ କାମିନୀ କୁବେର ବୃକ୍ଷେ ଧନଦେ ।
କୁମାର ଯୁବରାଜ ଶିଶୁ ସେନାନୀ ବରୁଣଦ୍ରୁମ କୋବିଦେ । ୧୯ ।
କାବେରୀ ନଦୀ ପୁଣ୍ୟବାରୀ ହରିଦ୍ରା କର୍ମାର ଜାତି ଯେ ବଂଶ ।
କୁମାରୀ ଦୁର୍ଗା ଅପରାଜିତ କନ୍ୟା ସହାଜମ୍ବୁରେ ପ୍ରକାଶ । ୨୦ ।
କୁହର ବିଳ ଗହର ନାଗାନ୍ତର ଗାନ୍ଧାରଭେଦେ ସପୁର ।
ଧାତୁକି ପାଟଳୀ କେଶ ମତ୍ତଗଜ ଚାରିଙ୍କ ନାମ କୁଞ୍ଜର । ୨୧ ।
କେଶର କିଂଜଲ୍କ ନାଗେଶ୍ୱର ହିଙ୍ଗୁ ପୁଣି ପୁନ୍ନାଗ ବକୁଳ ।
କେଶରୀ ବୋଲିଣ ସିଂହ ପଦ୍ମ ନାଗକେଶର ନାମକୁ ଭାଳ । ୨୨ ।
କିଶୋର ଅଶ୍ୱଶାବକ ଅବସ୍ଥା ଯେ ତୈଳପର୍ଣ୍ଣୀ ପ୍ରଭାକର ।
କେଦାର ରାଗିଣୀ ବସ୍ଥାନ ବିପ୍ର ଯେ ମୁନି ଗ୍ରନ୍ଥିକା କୁକ୍କୁର । ୨୩ ।
ଝର୍ଝର କଳିଯୁଗ ବାଦ୍ୟ ତୁଷାର ହିମ ଶୀତଳ ଶୀକର ।
ଚମରୀ ମୃଗ ମଞ୍ଜରୀ ଯେ ଚାମର ବାଳବ୍ୟଜନ ଚାମର । ୨୪ ।
ଚକୋର ପକ୍ଷୀ ବୃକ୍ଷଭେଦ ଉରଗ ଚଳଶୈଳ ଯେ ଚିକୁର ।
ବାଦ୍ୟ ଭାଣ୍ଡେ ଅଦ୍ରିଭେଦେ ମଣ୍ଡୁକ ଯେ ଅଭିଧାନରେ ଦର୍ଦ୍ଦୁର । ୨୫ ।
ନାଗର ମୁସ୍ତକ ବିଦଗ୍ଧ ନଗର ଭବକୁ ବୋଲନ୍ତି ବନେ ।
ନିର୍ଜର ଦେବ ଜରାଯୁକ୍ତ ନିର୍ଜରା ଗୁଳୁଚୀ ଯେ ଶାଳପର୍ଣ୍ଣେ । ୨୬ ।
ସନ୍ଦୋହ ସଂସାର ଆୟବ୍ୟୟ ଧନନିଧନି କହି କୁବେର ।
ପ୍ରଖର ଦ୍ୱୟ ସନ୍ନାହ ଅଶ୍ୱ ତରୁ ଅତି ତୀକ୍ଷଣ କୁକ୍କୁର । ୨୭ ।
ପ୍ରବର ସନ୍ତତି ଗୋତ୍ର ପ୍ରବର ଯେ ଶ୍ରେଷ୍ଠ ବୃନ୍ଦ ବିକୀର୍ଣ୍ଣତା ।
ପାଣ୍ଡୁର ଧୂସର ବର୍ଣ୍ଣରେ ପ୍ରସ୍ତର ପାଷାଣ ମଣିରେ ଉକ୍ତା । ୨୮ ।

ପୁଷ୍କର କରି ହସ୍ତାଗ୍ର ଖଡ୍ଗଫଳ କୁକ୍ଷି ବକ୍ର ସରୋରୁହ ।
ପୁଷ୍କର ଗଗନ ଜଳତୀର୍ଥଭେଦେ ଦ୍ୱୀପଭେଦରେ ଯେ କହ । ୨୯ ।
ପୀବର କଛପ ପୃଥୁଳ ବନ୍ଧୁର ଶୋଭା ନତାନତ ପଥ ।
ଭ୍ରମର କାର୍ମୁକ ଭୃଙ୍ଗ ଯେ ମନ୍ଦର ବହୁଳ ମସ୍ୟ ପର୍ବତ । ୩୦ ।
ମନ୍ଦାର ସୁରପାଦପ ପାରିଭଦ୍ର ଅର୍କପର୍ଣ୍ଣୀ ହସ୍ତୀ ଧୂର୍ତ୍ତ ।
ମନ୍ଦିର ପୁର ନଗ୍ରସିନ୍ଧୁ ମଛର ମଛନ ଯେ ଅଳସିତ । ୩୧ ।
ମଞ୍ଜରୀ ତିଳକ ସ୍ଥୂଳ ମୁକ୍ତାଲତା ମଞ୍ଜରୀ ବୋଲାଇ ହାର ।
ମୁଦିର କାମୁକ ମେଘ କାମ ମୃଗ ବୁଦ୍ଧି ସବିତା ମିହିର । ୩୨ ।
ବିଦୁର ବୋଲନ୍ତି ନାଗର ଧୀରକୁ କୌରବମନ୍ତ୍ରୀ ବିଦୁର ।
ବିଶ୍ଲେଷ ରସନା ବିଛେଦ ଏ ତିନି କଥା ବୋଲାଇ ବିଧୁର । ୩୩ ।
ବିବର ଭୂଷଣ ଗର୍ତ୍ତିଯେ ବିବର ଗରୁଡ଼େ ଭାଷନ୍ତି ନର ।
ଶର୍କରାନ୍ୱିତ ପ୍ରଦେଶକୁ ଦୁଗ୍ଧକୁ ଫେନକୁ ବୋଲି ଶର୍କର । ୩୪ ।
ବିହାର ଭ୍ରମର ସ୍କନ୍ଦ ରିପୁ ପୁଣି ପଂସ ଅଳପ ବିହାର ।
ଶବର ମ୍ଳେଛ ଜାତିଫଳ ଶଙ୍କର ସମୟ ହେମ ଶିଶିର । ୩୫ ।
ଶିଖର ଦ୍ରୁମାଙ୍ଗ ପୁଲିକ ଦାଡ଼ିମ୍ବ ଦ୍ୱିଜାଭ ମାଣିକ୍ୟ ଶୃଙ୍ଗ ।
ସମ୍ବର ଦୈତ୍ୟ ମସ୍ୟ ବ୍ରତବିଶେଷ ଶୈଳ ସଲିଳ କୁରଙ୍ଗ । ୩୬ ।
ଶୃଙ୍ଗାର ସ୍ମରକି ନାଟ୍ୟ ରସ ଗଜ ମଣ୍ଡଳ ଚୂର୍ଣ୍ଣ ସିନ୍ଦୂର ।
ସିନ୍ଦୁର ତରୁ ରକ୍ତ ଚୂର୍ଣ୍ଣ ସିନ୍ଦୂର ରୋଚନୀ ରଙ୍ଗ ଅମ୍ବର । ୩୭ ।
ଅଳଙ୍କାର ବୋଲି ହାବାଦିକି କହି ଅଳଙ୍କୃତ ଅଳଙ୍କାର ।
ଅବତରଣୀ ପୁଷ୍କରିଣୀ ତୀର୍ଥ ଯେ ଏ ତିନିହେଁ ଅବତାର । ୩୮ ।
ଆଡ଼ମ୍ବର ବୋଲି ଗଜ ଘୋଷ କାଳ ରୌପ୍ୟ ରୋଗ ଔଦୁମ୍ବର ।
ପୀତ ମସ୍ତକ ଧୁମ୍ୟାଃ ବିହଙ୍ଗମ କରଞ୍ଜକ କର୍ଣ୍ଣିକାର । ୩୯ ।
ଗିରିସାର ନାମ ମଳୟପର୍ବତ ଲୋହ ବଙ୍ଗ ପୁଣି ବିହି ।
ଘନସାର ବୋଲି କର୍ପୂର ଦକ୍ଷିଣାବର୍ତ୍ତକ ରବିଙ୍କି କହି । ୪୦ ।
କୃଷ୍ଣସାର ମୃଗ ଶିଂସପାବୃକ୍ଷ ଯେ ଅହି ବିଷ୍ଣୁ ଚକ୍ରଧର ।
କ୍ଷେପଣ ଉଲଙ୍ଗ ଅନ୍ଧକାର ମହେଶ୍ୱର ନାମ ଦିଗମ୍ବର ।୪୧ ।

ଦ୍ୱୈମାତୁର ଜରାସନ୍ଧ ଗଣପତି ନପ ଯମ ଦଣ୍ଡଧର ।
ଧରାଧର ଗିରି ବିଷ୍ଣୁ ଘନୋପଲ ନାସୀର ଯେ ଧରାଙ୍କୁର । ୪୨ ।
ନଭଚର ବିହଙ୍ଗମ ବିଦ୍ୟାଧର ବାରି ସହଜ ଭାସ୍ୱତ ।
ନିଶାଚର ଫେରୁ ପେଚକ ଭୁଜଙ୍ଗ ରାକ୍ଷସରେ ହୋଏ ଉକ୍ତ । ୪୩ ।
ନୀଳାମ୍ବର ଜାଣ ରେବତୀରମଣ ରାକ୍ଷସ ଯେ ଶନେଶ୍ଚର ।
ପରିକର ନାମ ବହଇ ପର୍ଯ୍ୟଙ୍କ ସମୁଦାୟ ପରିବାର । ୪୪ ।
ପୟୋଧର କୋଷ ଦ୍ୱାର ନାରିକେଳ ବକ୍ଷୋରୁହ ବାରିବାହ ।
ଶତାବରୀ ବୋଲି ଶଚୀକି ଅଭିରୀଲତାକୁ କୋବିଦ କହ । ୪୫ ।

**ଇତି ରାନ୍ତ ।**

ଅ**ଳି** ସୁରା ଭୃଙ୍ଗ ଅଳୀ ସଖୀ ସେତୁ ପଂକ୍ତି କୀଳ ଦାରାକ୍ଷିତି ।
କଳା ଚନ୍ଦ୍ରାଂଶୁ କଳନା କାଳମାନ ଚତୁଃଷଷ୍ଠୀରେ ଯେ ଉକ୍ତି । ୧ ।
କାଳ ମୃତ୍ୟୁ ମହାକାଳ ଶ୍ୟାମ ଚରଣ ସମୟ ପିତପତି ।
କଳି କଳହ କଳିଯୁଗ କାଳିକା କୀଟ ଭୁଜଙ୍ଗ ପାର୍ବତୀ ।୨ ।
କୂଳ ଜଳପଦ ଗୋତ୍ର ଜାତିଗଣ କୂଳ ସୈନ୍ୟ ଯେ ପୃଷ୍ଠରେ ।
କୋଳକୁବଳ ପିପ୍ପଳୀ ଭେକାଶନେ ଚିତ୍ର ଉତ୍ସଙ୍ଗ ଶୂକରେ ।୩ ।
ଗୋଳା ଗୋଦାବରୀ କୁଳଟା ଦୁର୍ବା ଯେ ଚକା ନାମ ଲକ୍ଷ୍ମୀ କମ୍ପ ।
ଜଳ ଦ୍ରୀବେର ନୀରଜାତି ଗବାକ୍ଷ ଧନ୍ୟାୟ ବୃନ୍ଦ ଯେ ଲିପ ।୪ ।
ତାଳ ଚପେଟ ତନ୍ତ୍ରି ଘାତେ କାଂସ୍ୟାଦି ବାଦ୍ୟ ଝଜ ତୃଣ ରାଜା ।
ନଳ ପୋଟ ନଳିଜାପିତ ଦେବ ଯେ କପିଶ୍ରେଷ୍ଠେ କର ହେଜା ।୫ ।
ନୀଳବର୍ଣ୍ଣ ଗିରିନିଧିଭେଦ ଗିରିଭେଦରେ ଘେନ ସ୍ୱଚିତ୍ତେ ।
ବଳ କନ୍ଧରସ ଦୈତ୍ୟ ହାଳୀ କାକ ସୈନ୍ୟ ପ୍ରାକର୍ମ ଉଚିତେ ।୬ ।
ବଳି ଉପହାର ଦୈତ୍ୟ ଇନ୍ଦ୍ର ବଳବନ୍ତ ଗୃହଦ୍ୱାର ଅଙ୍ଗ ।
କୁନ୍ତଳ ଅଭିକ ମୂର୍ଖ ହ୍ରୀବେରରେ କାଳ ଶବ୍ଦ କର ସଙ୍ଗ ।୭ ।

ବାଲୀ ବୋଲି ବାଳା ଅଳଙ୍କାର କପିନାଥ ବେଳା କାଳ ଦୁଇ ।
ଭଲ୍ଲ ଭଲ୍ଲୁକ ଶସ୍ତ୍ରଭେଦେ ଭଲ୍ଲ ଯେ ତେଜ ଲଲାଟକୁ କହି ।୮ ।
ବ୍ୟାଳ ଦୁଷ୍ଟରାଜ ସର୍ପ ସ୍ୱାପଦ ଯେ ବିଳ ଛିଦ୍ର ଗୁହା ବେନି ।
ଶାଳୀ କଳମ୍ବାଦି ପତ୍ନୀଭଗ୍ନୀ ପୁଣି ଗନ୍ଧମାର୍ଜାରକୁ ଘେନି ।୯ ।
ଶୀଳ ସ୍ୱଭାବ ପାଷାଣ ଶୂଳ ରୋଗ ଆୟୁ ମୃତ୍ୟୁ କେତନ ।
ହାଳା ବିଷ ସୁରା ହାଳା ବୋଲାଇ ଯେ ବିଳାସାଦି ଅବିଜ୍ଞାନ ।୧୦ ।
ଉଜ୍ଜ୍ୱଳ ପ୍ରଦୀପ ଶୃଙ୍ଗାର ବିଶାଦ ପ୍ରକାଶ ଲୋକକୁ ଭାଷି ।
ପ୍ରସ୍ତର ରତ୍ନ ଶର୍କରାଠାରେ ପୁଣି ଉପଳ ଶବଦ ଆସି ।୧୧ ।
କପିଳ ବର୍ଣ୍ଣଭେଦ ମୁନିପ୍ରଭେଦ କମଳା ବରସ୍ତ୍ରୀ ରମା ।
କମଳ ତାମ୍ର ଜଳ ପଦ୍ମ ଭେଷଜ ଆକାଶେ ମୃଗେ ଘେନିମା ।୧୨ ।
କପିଳା ରେଣୁକା ଶିଂସପା ପ୍ରଭେଦ ପୁଣ୍ଡରୀକର କରିଣୀ ।
କରାଳ ଉତ୍ତୁଙ୍ଗ ଦନ୍ତର ଭୂଷଣ ସର୍ଜ୍ଜରସ ତୈଳେ ଗଣି ।୧୩ ।
କନ୍ଦଳି ଉପରାଗ ନବଅଙ୍କୁର କଳଧ୍ୱନି ସଂଖ୍ୟା ଜାଣ ।
କନ୍ଦଳୀ ମୃଗ ଗୁଳ୍ମ ପୁଣି କନ୍ଦଳୀ ରମ୍ଭା ପତକା ହରିଣ ।୧୪ ।
କାକୋଳ ବୋଲାଇ ସରଳ କାକ ଯେ କାକୋଳ ନଗରାନ୍ତର ।
କୁଶଳ ମାଙ୍ଗଲ୍ୟ ସୁକୃତ ପର୍ଯ୍ୟାପ୍ତି କୀଲାଳ ଜଳ ରୁଧିର ।୧୫ ।
କୁବଳ ବଦରୀଫଳ ମୁକ୍ତାଫଳ ପୁଣି କୁବଳ ଉତ୍ପଳ ।
ପାର୍ଶି ବଳୟ କର୍ଣ୍ଣଭୂଷା କାଞ୍ଚନ ଗୁଳୁଚୀ ବିଲ୍ୱ କୁଣ୍ଡଳ ।୧୬ ।
ଗରଳ ମାନ ବିଷ ତୃଣମୂଳ ଯେ କୁଣ୍ଡଳୀ ସର୍ପ ବଣିକ ।
ତରଳ ଚଞ୍ଚଳ ହାରମଧ୍ୟମଣି ଶିଡ୍ଗ ଦିବସନାୟକ ।୧୭ ।
ଜଟିଳା ପିପ୍ପଳି ଜଟାମାଂସୀ ଜଟାଯୁକ୍ତ ଚନ୍ଦ୍ରସେନମାତା ।
ତମଳ ଶବଦ ତିଳକେ କୃପାଣେ ତାପିଞ୍ଛେ ବରୁଣେ ଉକ୍ତା ।୧୮ ।
ତଣ୍ଡୁଳ ଧାନ୍ୟାଦି ବିଡ଼ଙ୍ଗ ତାମ୍ବୁଳ ପୁଣି ନାଗବଲ୍ଲୀପର୍ଣ୍ଣ ।
ଦୁକଳ କ୍ଷୌମବସ୍ତ୍ର ବୃକ୍ଷ ଉତ୍ତମ ଶୁକ୍ଳ ସୁନ୍ଦରକୁ ଘେନ ।୧୯ ।
ତୁମୂଳ ରଣସଙ୍କୁଳ କଳଦ୍ରୁମ ନକୁଳ ଜନ୍ତୁପାଣ୍ଡବ ।
ମଙ୍ଗଳ କୁଶଳ ଗ୍ରହ ମଙ୍ଗଳ ଯେ ଶିତଦୂର୍ବା ଉମା ଭାବ ।୨୦ ।

ଚଞ୍ଚଳା ତଡ଼ିତ ଲକ୍ଷ୍ମୀ ଯେ ଚଞ୍ଚଳା କାମୁକ ବାତ ତରଳ ।
ଚପଳା ପୁଂଶ୍ଚଳୀ ପିପ୍ପଳୀ ଦାମିନୀ ଭୁବନ ଶୀଘ୍ରେ ଚପଳ ।୨୧ ।
ମଣ୍ଡଳ ଦ୍ୱାଦଶଦେଶକୁ କହନ୍ତି ମଣ୍ଡଳ କୋଷ୍ଠୀ ପରିଧି ।
ମଞ୍ଜୁଳ ଶୋଭା ଜଳତରଙ୍ଗ ଚନ୍ଦ୍ର ବନ୍ଦୀ ଚୋର ଗ୍ରହ ବ୍ୟାଧି ।୨୨ ।
ମାତୁଳ ବ୍ରୀହିଭେଦ ମାତାଭ୍ରାତା ଯେ ତା ଭାର୍ଯାଟଭା ମାତୁଳୀ ।
ତାଳମୂଳୀ ଆଖୁପର୍ଣ୍ଣୀ ବଳଭଦ୍ର ଗୃହଗୋଧିକା ମୂଷଳୀ ।୨୩ ।
ରସାଳ ସିହ୍ଲକ ରୋଳ ଇକ୍ଷୁଚୂତ ରସାଳ ରସନା ଦୂର୍ବା ।
ରମିଳ ରମଣ ମଦନ ଲାଙ୍ଗୁଳ ପଛ ସେଫକୁ ଘେନିବା ।୨୪ ।
ଲାଙ୍ଗଳୀ ତୋୟ୍ ପିପ୍ପଳୀ ଗୋବାରଣ କାମପାଳ ନାରିକେଳ ।
ମେଖଳ ଖଡ୍ଗ ବନ୍ଧନ କାଞ୍ଚିମାଳା ନିତମ୍ବ ସ୍ଥୂଳ ଅଞ୍ଚଳ ।୨୫ ।
ବିପୁଳ ପୃଥୁଳ ଅଗାଧ ପଶ୍ଚିମ ଭୂଧର ମେରୁପର୍ବତ ।
ଅମଳ ସମ୍ବଳ ସନ୍ତର ସ୍ୱଚ୍ଛଳ ଖଣ୍ଡ ତବି ବନ୍ଧେ ଉକ୍ତ ।୨୬ ।
ଶ୍ୟାମଳ ଶ୍ୟାମ ସ୍ୱେନେ କହି ଶୈବଳ ପଦ୍ମକାଷ୍ଠେ ସେ ଶୈବାଳ ।
ରାକ୍ଷସାନ୍ତରେ ପଶୁଭେଦେ ଶ୍ରେଷ୍ଠକୁ ବ୍ୟାଘ୍ରକୁ କହି ଶାର୍ଦ୍ଦୂଳ ।୨୭ ।
ଅକ୍ଷମାଳା ବୋଲି ଅକ୍ଷସୂତ୍ରକୁ ଯେ ଅକ୍ଷମାଳା ଅରୁନ୍ଧତୀ ।
କଳକଳ ବୋଲି କୋଳାହଳକୁ ଯେ ଶାଳନିର୍ଯ୍ୟାସେ କହନ୍ତି ।୨୮ ।
କୁତୂହଳ ବୋଲି ପ୍ରଶସ୍ତ କଥାକୁ କଉତୁକ କୁତୂହଳ ।
ଗିରିଚ୍ୟୁତ ସ୍ଥୁଳୋପଳ ଲଲାଟକୁ ବୋଲନ୍ତି ଯେ ଗଣ୍ଡଶୈଳ ।୨୯ ।
ଗନ୍ଧଫଳ ବୋଲି ଚମ୍ପାକଳିକାକୁ ପ୍ରି ଅଙ୍ଗୁ ପୁଣି ବୋଲାଇ ।
ଭସ୍ମତୋଳି ବୋଲି ଗ୍ରାମକୁଟେ ହିମେ ପାଂଶୁବରଷଣେ କହି ।୩୦ ।
ମୁକ୍ତାଫଳ ଶବ୍ଦ କର୍ପୂରେ ମୌକ୍ତିକେ ଲବଣ ଫଳରେ ବ୍ୟକ୍ତ ।
ମଦକଳ ଶବ୍ଦ ମଦରଙ୍ଗେ ବାକ୍ୟମତ୍ତେ ଦିଗେ ହୋଏ ଉକ୍ତ ।୩୧ ।
ହସ୍ତୀ ଅଭ୍ର ମାତଙ୍ଗଜ ଶଙ୍ଖ ନାଗ ବିନାୟକେ ବିଦ୍ୟମାନ ।
ହରିତାଳ ଧାତୁଭେଦକୁ ବ୍ୟୋମ ଯେ ରେଖାକୁ ମିଶାଇ ଗଣ ।୩୨ ।

**ଇତି ଳାନ୍ତ ।**

କବି ବାଲ୍ମୀକି ଶୁକ୍ର ସଂଖ୍ୟାବାନ ଯେ ଖଳ ବୀର ପରମାଣ ।
ଜୀବ ପ୍ରାଣୀ ପ୍ରାଣ ଜୀବିକା ପାଦପ ପ୍ରଭେଦ ପୁଣି ଦୁଷଣ ।୧ ।
ଛବି ଶୋଭନ କିରଣ ଜବା ବେଗବନ୍ତ ତନ୍ୱୀ ସୁମନସ ।
ଦେବ ନୃପତି ଦେବତା ମେଘ ତରୁ ଧବଳଭେଦ ପ୍ରାଣେଶ ।୨ ।
ଧ୍ରୁବ ଶଙ୍କୁ ହର ସୁବଟ ବସ୍ତ୍ର ଯେ ଯୋଗ ମୁନି ଧ୍ରୁବ ବୀଜ ।
ଭବ ସଂସାର କ୍ଷୋମ ହର ଉତ୍ପତ୍ତି ସଭାପ୍ରାପ୍ତି ପୁଣ ହେଜ ।୩ ।
କବି ସ୍ୱଭାବ ଅଭିପ୍ରାୟ ଭାବନା ଚେଷ୍ଟା ରସାଦି ଭାବାଦି ।
ଲେଶେ ବିନାଶେ ଛେଦନେ ରାମସୁତେ ଲବ ଶବଦ ସମ୍ପାଦି ।୪ ।
ଦେବୀ ଦୁର୍ଗାଦି ନୃପସ୍ତ୍ରୀ ପକ୍ୱଲତା କାବ୍ୟ ଶୁକ୍ର ଗ୍ରନ୍ଥସାର ।
ପ୍ଲବପ୍ଲାବନ ସୁପୁତ ଭେକ ଭେଳା ପର୍କଟୀ ଦ୍ରୁମ ବାନର ।୫ ।
ଶିବ ମୋକ୍ଷ ହର ଗ୍ରହଯୋଗଭେଦ ସୁଖ ଶୋଭା ଜନ ଘେନି ।
ଜବା ଝଟା ମଳା ଅମଳକୀ ଗୌରୀ ଫେରୁ ପିଶାଚିକି ମାନି ।୬ ।
ସ୍ରୁବ ହୋମପାତ୍ର ଶଲ୍ଲକୀ ଦର୍ବୀ ଯେ ହରିଦ୍ରା ଦାରୁ କୁହାଇ ।
ମୌର୍ଵ୍ୱୀ ଶିଞ୍ଜିନୀ ଧରଣୀ ଶବ୍ଦ ବୋଲି କୁଣପ ସନ୍ଧାନ ହୋଇ ।୭ ।
କେଶବ ବିଷ୍ଣୁ କେଶବ କୈତବ ଯେ ବୋଲାଇ ଛଦ୍ମ ଧୂସ୍ତୁର ।
ଉଦ୍ଧବ ଯଦୁଙ୍କ ମନ୍ତ୍ରୀ ମହୋତ୍ସବ ବାନ୍ଧବ ମିତ୍ର ସୋଦର ।୮ ।
ପଲ୍ଲବ ବିଶଳୟ ଶିଙ୍ଗ୍ୱ ଶୃଙ୍ଗାର ଅଲକ୍ତରାଗରେ ବର୍ତ୍ତି ।
ଭାର୍ଗବ ଶକ୍ର ଶୁକ୍ର ଧ୍ୱନି ପରଶୁରାମଙ୍କୁ ଜନେ ଭାଷନ୍ତି ।୯ ।
ଭାର୍ଗବୀ ରମାଉମା ଦୁର୍ବା ସ୍କାରିତି ଭେଦରେ ଭାଷଣ ହର ।
ମାଧବ ବିଷ୍ଣୁ ବୈଶାଖ ଯେ ମାଧବ ଯାଦବବଂଶେ ବିଚାର ।୧୦ ।
ମାଧବୀ ମଧୁ ଶର୍କରା ବାସନ୍ତି ଯେ ମାଧବୀ ସୁରା ତୁଳସୀ ।
ରାଜୀବ ମୀନ ପଦ୍ମ ମୃଗ ରାଘବ ରଘୁବଂଶେ ଝସେ ଭାଷି ।୧୧ ।
ବଡ଼ବା ଦ୍ୱିଜଯୋଷିତ କୁମ୍ଭ ଦାସ ବଡ଼ବା ଯେ ଅଶ୍ୱନାରୀ ।
ଘୋଟକ ପାତାଳ ବ୍ରାହ୍ମଣ ବଡ଼ବାନଳେ ବଡ଼ବା ଆଦରି ।୧୨ ।
ସୁଗ୍ରୀବ ନନ୍ଦୀଘୋଷଦ୍ୱୟ ସୁଗ୍ରୀବ ପୁଣି ଶାଖାମୃଗେଶ୍ୱର ।
ସୈନ୍ଧବ ମଣିମନ୍ଥ ନାମ ସୈନ୍ଧବ ଲବଣ ତୁରଙ୍ଗସାର ।୧୩ ।

ଉପପ୍ଲବ ରାହୁଗ୍ରହ ଯେ ମାଧବୀ ତରଣି ସିହ୍ଲକ ଆଣ ।
ଜୀବଞ୍ଜୀବ ବୃକ୍ଷଭେଦ ଚକୋରକ ବିପଦ ନାମ ପ୍ରମାଣ ।୧୪ ।

**ଇତି ବାନ୍ତ ।**

ଅଂ**ଶୁ** ପ୍ରଭା ପ୍ରାଣ କିରଣ ବୋଲାଇ ଅଶୁ ଶୀଘ୍ର ଧାନ୍ୟାନ୍ତର ।
କାଶୀ ବାରାଣଶୀପୁର କାଶ ପୁଷ୍ପ କୀଶ କପି ଦିଗମ୍ବର ।୧ ।
କୁଶ ଦ୍ୱୀପ ଜଳ ଦର୍ଭ ରାମସୁତ ଈଶ ପ୍ରଭୁ ମହେଶ୍ୱର ।
କ୍ଲେଶ ଦୁଃଖ ଦଶା କ୍ଷୟ କ୍ଲେଶନାମା ବାଳ ବରୁଣ କୁବେର ।୨ ।
କୋଷ କୋରକ ଖଡ଼୍‌ଗପିଧାନ ଯେ ଦ୍ରବ୍ୟସଂ ଗ୍ରହସଦନ ।
ଦୃଶ ଦର୍ଶନ ନେତ ବୃଦ୍ଧି ନାଶ ଯେ ନିଧନ ତାପ ଜୟିନ ।୩ ।
ପାଶ ପାରୁଷ କେଶବେଶ ବନ୍ଧନ କର୍ଣ୍ଣପୁର ପୁଣ ପାଶ ।
ନିଶା ବୋଲି ଦାରୁହରିଦ୍ରାକୁ ଜାଣ ଗୁଡ଼ତ୍ୱକ ସାଉବଂଶ ।୪ ।
ଆର୍ଦଶ କହି ଦର୍ପଣକୁ ଟୀକାକୁ ପ୍ରତିପୁସ୍ତକକୁ ପୁଣି ।
କର୍କଶ କାମ୍ପିଲ୍ଲ କଠିନ ନିର୍ଦ୍ଦୟ କ୍ରୂର ସାହସିକେ ଘେନି ।୫ ।
ବାଳିଶ ନାମ ଶିଶୁ ମୂର୍ଖେ କହନ୍ତି ଶୈବଳ ବଟ ଭୃକେଶ ।
ବିକାଶ ବିକଚ ପ୍ରକାଶ ବୋଲାଇ ମୁନି ମେଷ ଯେ ଲୋମଶ ।୬ ।
ଖଣ୍ଡପର୍ଶୁ ନାମ ବହେ ପର୍ଶୁରାମ ଶଙ୍କର ଚୂର୍ଣ୍ଣଲେପନୀ ।
ଜୀବିତେଶ ଯମ ବଲ୍ଲଭ ବୋଲାଇ କ୍ରୂର କୃଶ ଖର୍ବ ଶନି ।୭ ।
ନାଗପାଶ ବନ୍ଧ ଆୟୁଧ ଦରଶ ପୂର୍ଣ୍ଣମାସୀ ପଞ୍ଚଦଶୀ ।
ପରିବେଶ ବୋଲି ପରିଧିକି ବେଷ୍ଟନକୁ ସର୍ବମତେ ଭାଷି ।୮ ।

**ଇତି ଶାନ୍ତ ।**

ଉ**ଷା** ବାଣସୁତା ରାତ୍ରି ଶେଷ ଋଷି ମୁନି ଦୀଧିତି ଦେବତା ।
କର୍ଷ କର୍ଷଣେ ମାନଭେଦ ଘୋଷ ଯେ ବ୍ରଜବଲ୍ଲୀ ନାମେ ଉକ୍ତ ।୧ ।

ବୃଷ ଧର୍ମ ବଳୀବର୍ଦ୍ଧ ରାଶିଭେଦ ଶ୍ରେଷ୍ଠ ମୂଷିକ ଛାଗଳ
ବୃଷ ମୂଷିକପର୍ଣ୍ଣୀକି ଇନ୍ଦ୍ର ମେଷ ପ୍ରାନ୍ତ ବୃଦ୍ଧ କାମପାଳ ।୨ ।
ପୀୟୂଷ ଦଧି କ୍ଷୀର ସୁଧା ପୁରୁଷ ପୁଂସ ପୁଂନାଗ ପାଦପ ।
ମହିଷୀ ଲୁଲାପ ରାଜସ୍ତ୍ରୀ ପ୍ରଦୋଷ ସନ୍ଧ୍ୟା ଦୋଷରେ ପ୍ରଦୋଷ ।୩ ।
କଲୁଷ ଆବିଳ ପାପ ରୋଗ ତାପ ଅପରାଧ ଯେ କିଳିଷ ।
କଲ୍ମଷ କାଞ୍ଜିକ ପାବକ ଯେ ନାଗ ନୃପ ବିଭେଦ ନହୁଷ ।୪ ।

**ଇତି ଷାନ୍ତ ।**

**ସ୍ୱ** ବୋଲି ଶୁଭକୁ ଆତ୍ମାକୁ ଧନକୁ ପ୍ରିୟକୁ ଯେ ସେ ସ୍ୱଜାତି ।
ସ୍ୱବେଶ ରଚନା ଭାରତୀ କମଳା ଶୋଭା ତ ବର୍ଗସମ୍ପତ୍ତି ।୧ ।
ତ୍ରାସ ଭୟ ମଣି ଦୋଷ ଦାସ ଭୃତ୍ୟ ଶୂଦ୍ରଙ୍କ ଆତ୍ମାଧୀବର ।
ଦାସୀ କେଟୀ ଝିଣ୍ଟୀ ନାସା ଯେ ନାଶିକା ଅଧଦ ରୁଣୀ ଆବର ।୨ ।
ବସ୍ତ୍ର ଭେଦୁଅଗ୍ନୀ ପ୍ରଭାକର ପ୍ରସୂ ପୁଣି ଯେ ଅସ୍ତ୍ର ଜନନୀ ।
ଭାସ ପ୍ରଭା ପକ୍ଷ ଭେଦେ ମାଂସ ମେଦ କଙ୍କୋଳ ନଟାକୁ ଘେନି ।୩ ।
ରାସ କୋଳାହଳ ଗୋପୀକ୍ରୀଡ଼ାଭେଦ ବ୍ୟାସ ଯେ ମୁନି ବିସ୍ତୃତ ।
ରସ ଶୃଙ୍ଗାର ବିଷ ବୀର୍ଯ୍ୟ ପାରଦ ଦ୍ରବ୍ୟ ଧାତୁ ରାଗ ଉକ୍ତ ।୪ ।
ରସ କେଳି ଜଳ ଦେହ ରସନା ଯେ ମଲ୍ଲକୀ ଭୂମି ଏ ରସା ।
ମିସି ଶତପୁଷ୍ପ ଆଜବମାଦା ମାସ କରିଣୀ ରମଣୀ ଯୋଷା ।୫ ।

**ଇତି ସାନ୍ତ ।**

**ହ୍ରୀ** ଲଜ୍ଜା ହ୍ରୀବେର କଷ୍ଟ ଭାବନା ହେ ଶ୍ରେଷ୍ଠକୁ ଯେ ସମ୍ବୋଧନ ।
ବହ୍ନି କେକୀ ଅଗ୍ନି ଅହି ସର୍ପକୁ ଯେ ବୃତ୍ରାସୁର ନାମ ଘେନ ।୧ ।
ମହା ପୃଥିବୀ କୁମାରୀ ତରୁ ମହା ବିପୁଳ ଏହି ପାଦପ ।
ଦ୍ୟୂହ ଅକ୍ଷି ରଣପଞ୍ଚାରେ ବ୍ୟୂହ ଯେ ବୋଲାଇ ପୁଣି କଳାପ ।୨ ।

ବାହ ବାହନ ଅଶ୍ୱ ଗୃହ ଶବରରାଜା ଗୁହ କାର୍ତ୍ତିକେୟ ।
ଦେହୀ ଦେହବନ୍ତ ଧରଣୀ ବୋଲାଇ ମହୀ ମହାଗର୍ବବୟ ।୩ ।
ରହ ରହସ୍ୟ ଏକାନ୍ତ ଶ୍ରେୟ ଶ୍ରେଷ୍ଠ ଶାଖା ସିଂହ କଣ୍ଠରବ ।
ରୁହ ମୂଳ ଆନ ରୁହ ବୋଲି କରି ଜନମ ଏକକୁ ଭାବ ।୪ ।

**ଇତି ହାନ୍ତ ।**

ଋକ୍ଷ ଭଲ୍ଲୁକ ନକ୍ଷତ୍ର ଗିରିଭେଦ ଯକ୍ଷ ଗୁହ୍ୟକ କୁବେର ।
କକ୍ଷ ମହିଷ ବାହୁମୂଳ କକ୍ଷ ଯେ ଗ୍ରହ ପଶ୍ଚାତ ଅଞ୍ଚଳ ।୧ ।
କକ୍ଷ ପ୍ରକୋଷ୍ଠ କାଞ୍ଚୀ ଗଜ ରଜ୍ଜୁ ଯେ କକ୍ଷା ରଥ ଭାଗ ପୁଣି ।
ଦ୍ୱିସକ୍ତା ଜଟା ଗର୍ବଭାଣ୍ଡ ଅଶ୍ୱତ୍ପ୍ଲକ୍ଷ ବୋଲିକରି ଗଣି ।୨ ।
ଦକ୍ଷ ପଟୁ ପ୍ରଜାପତି ତାମ୍ରଚୂଡ଼ ଧ୍ୱାଂକ୍ଷ ମସ୍ୟରାଜ କାକ ।
ପକ୍ଷ ମାସାର୍ଦ୍ଧ ସହାୟ ପାଷ୍ଣି ଗ୍ରହ ସାଧ୍ୟ ବିରୋଗେ ବିଦ୍ୟକ ।୩ ।

**ଇତି କ୍ଷାନ୍ତ ।**

ନାନାର୍ଥ ଗୀତ ଅଭିଧାନ କଲି ମୁଁ ସାର ସାର ଯେତେ ବାଛି ।
ଶବ୍ଦ ସମୁଦ୍ରବତ ପାର ହେବାକୁ କାହାର ସାମର୍ଥ୍ୟ ଅଛି ।୧ ।
ମନ ଦେଲେ ମୂର୍ଖେ ପଣ୍ଡିତ ହୋଇବେ ବୁଧେ କରିବେ ପ୍ରଶଂସା ।
ସଂସ୍କୃତ ଲିଙ୍ଗ ସଂଗ୍ରହରେ ଅବ୍ୟକ୍ତିବୋଧକ ପ୍ରାକୃତ ଭାଷା ।୨ ।
'କ' ଠାରୁ 'କ୍ଷ' ଯାଏ ବର୍ଣ୍ଣ ବିରଚନା ଅକ୍ଷର ଧରି ହେଜିବ ।
କହେ ଉପଇନ୍ଦ୍ର ଭଞ୍ଜ ବୀରବର ଲୋଡ଼ା ଶବ୍ଦକୁ ଘେନିବ ।୩ ।

**ସମାପ୍ତ ।**